



## କଟକରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

# ‘ଭାଷା ହିଁ ସମସ୍ତ ଭାବର ପ୍ରତିନିଧିତ୍ୱ କରେ’



କଟକ,୧।୪(ସମିସ)

ଭାଷା ହିଁ ସମସ୍ତ ଭାବର ପ୍ରତିନିଧିତ୍ୱ କରେ। ଭାଷା ମାଧ୍ୟମରେ ଜାତୀୟତା ଓ ମାନବିକତା ପ୍ରସ୍ଫୁଟିତ ହୋଇଥାଏ। ଭାଷା ଭିତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ। ୮୯ତମ କଟକ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଆଜି ବକ୍ତାମାନେ ନବ ଉତ୍କଳ ନିର୍ମାଣର ବିଧାଣୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଉପରୋକ୍ତ ମତପ୍ରକାଶ କରିଛନ୍ତି।

ଜିଲ୍ଲାପାଳଙ୍କ ସଦଭାବନା ଗୃହଠାରେ ଆୟୋଜିତ ଓଡ଼ିଶା ଦିବସ ସମାରୋହରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ରାଜ୍ୟର ସମୃଦ୍ଧ ଇତିହାସ ଏବଂ ପୂର୍ବସୂରୀମାନଙ୍କର ସ୍ମୃତିଚାରଣ କରିବା ସହ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ନିମନ୍ତେ ସମସ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ପ୍ରଫେସର ନଟବର ଶତପଥି ଓଡ଼ିଆ ଜାତିର ଇତିହାସ, ଅସ୍ତିତ୍ୱ ଓ ସାଂସ୍କୃତିକ ବିଭବ ଉପରେ ଅବଲୋକନ କରିବା ସହ ଭାଷା ପରିବେଶର ସଙ୍କେତ ବହନ କରିଥାଏ ବୋଲି ମତ ଦେଇଥିଲେ। ଭାଷାକୁ ନେଇ ଆମେ ଗର୍ବ କରିବା ଏବଂ ଏହାର ସୁରକ୍ଷା ଓ ଏହାର ନିରନ୍ତରତା ପ୍ରତି ସର୍ବଦା ଚେଷ୍ଟିତ ହୋଇ ଭାଷାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିବାକୁ ସେ ମତ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଉମାକାନ୍ତ ରାଜ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଉପଜିଲ୍ଲାପାଳ କଟକ ସଦର ଜ୍ୟୋତିଶଙ୍କର ରାୟ, ତହସିଲଦାର କଟକ ସଦର ସୁଜୟ ପତି ପ୍ରମୁଖ ଓଡ଼ିଶାର ଇତିହାସ, ଓଡିଆ ଭାଷାର ସ୍ୱାତନ୍ତ୍ୟ, ସ୍ୱତନ୍ତ୍ର ପ୍ରଦେଶ ଗଠନର କ୍ରମବିକାଶ ଏବଂ ଏଥିପାଇଁ ପୂର୍ବପୁରୁଷମାନଙ୍କର ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଅତିଥି ପରିଚୟ ପ୍ରଦାନ ପୂର୍ବକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସହକାରୀ ସୂଚନା ଅଧିକାରୀ ପଢିଆରୀ ପାଠାଗାର ସ୍ୱାଗତିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ଷ୍ଟାଫ କମିଟିର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।ପ୍ରତ୍ୟୁଷରୁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ବରିଷ୍ଠ ଅଧିକାରୀମାନଙ୍କ ସହ ଗୋରାକବରଠାରେ ଉତ୍କଳଗୌରବ ମଧୁସୂଦନଙ୍କ ସମାଧୀପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବିଜୁ ପଟ୍ଟନାୟକ ଛକଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ, ଉତ୍କଳଗୌରବ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀ, ସହିଦ ପାର୍କଠାରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମ ପକ୍ଷରୁ ପକ୍ଷରୁ ଓଏମପି ଛକସ୍ଥିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତୀ, ପ୍ରେସ ଛକଠାରେ ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତୀ ସମେତ ସହରର ବିଭିନ୍ନ ସ୍ଥାନରେ ଅବସ୍ଥିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା।

### ଉତ୍କଳ ସାହିତ୍ୟ ସମାଜ



ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ୮୯ତମ ଉତ୍କଳ ଦିବସ ଅନୁଷ୍ଠାନ ପରିସରରେ ଆୟୋଜିତ ହୋଇଯାଇଛି। ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅନୁଷ୍ଠାନର ପତାକା ଉତ୍ତୋଳନ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପଛରେ ରହିଥିବା ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରିବା ସହ ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ, ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ଦିଲ୍ଲୀପ କୁମାର ଦାସ, ମୂରଲୀଧର ଶତପଥୀଙ୍କ ସହ ଗଜେନ୍ଦ୍ର ପାଣି, ଉମାଶଙ୍କର ମିଶ୍ର, ଇଂ. ସୁକାନ୍ତ କିଶୋର ବଳ, ସତ୍ୟ ରାୟ, ପତିତପାବନ ମହାପାତ୍ର, ବ୍ରଜବନ୍ଧୁ ପୃଷ୍ଟି, ଶରତ ଚନ୍ଦ୍ର ଦାଶ, ଓଁକାର ନାଥ ଘୋଷ, ଗୌତମ ଚନ୍ଦ୍ର କର, ମାଧବ ମିଶ୍ର, ଭୁବନାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ମହାନ୍ତି, ସଞ୍ଜିତ୍ କୁମାର ପଟ୍ଟନାୟକ, ବିଦ୍ୟୁତ କୁମାରୀ ଲାଲା ପ୍ରମୁଖ ଉତ୍କଳ ଦିବସର ପାଳନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟନିର୍ବାହିକା ସମିତିର ସଭ୍ୟ ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଉତ୍କଳ ସାହିତ୍ୟ କଳା ପରିଷଦ

ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଉତ୍କଳ ଦିବସ ମର୍କତ ନଗର ସେକ୍ଟର-୭ରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସଂପାଦକ ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ଡକ୍ଟର ମନୋରଞ୍ଜନ ମହାନ୍ତି, ବଂଶୀଧର ରାଉତ, ସୁଜାତା ପଟ୍ଟନାୟକ, ନୃସିଂହ ଚରଣ ଦାସ, ପୁରୁଷୋତ୍ତମ ରାଉତ, ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ସହିତ ଉତ୍କଳ ଦିବସ ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ। ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଆମର ରୁଚି ଓ ସମ୍ମାନ ରହିଲେ ଆମ ପୂର୍ବସୂରୀମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବା ସହିତ ଆଜି ଦିନର ମହତ୍ତ୍ୱ ଉପଲବ୍ଧି କରିହେବ ବୋଲି ମତ ଦେଇଥିଲେ। ଆଇନଜୀବୀ ଅରୁଣ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### କଟକ କଲେଜ

ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ କଟକ ମହାବିଦ୍ୟାଳୟରେ ଉତ୍କଳ ଦିବସର ମହତ୍ତ୍ୱ ସଂପର୍କିତ ଆଲୋଚନା ଚକ୍ର କଲେଜ ଅଧ୍ୟକ୍ଷା ଡ. ପ୍ରଣତୀ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ପାଣ୍ଡି, ଆକାଉଣ୍ଟସ୍ ଅଫିସର ପ୍ରାଧ୍ୟାପିକା ଶାରଦା କର ଓ ରେଡ୍କ୍ରସ୍ ଅଧିକାରୀ ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ମହମ୍ମଦ ଖୁର୍ସିଦ, ଅଧ୍ୟାପିକା ରଶ୍ମିତା ପରିଡା, ଅଧ୍ୟାପିକା ସୋନାଲି ନାୟକ, ଅଧ୍ୟାପକ ଗୋବିନ୍ଦ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ସୌରତପା ମହାନ୍ତି ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ଡ୍ରିମ୍ସ ବିଶ୍ୱବିଦ୍ୟାଳୟ



ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଉତ୍କଳ ଗୋ÷ରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ବରପୁତ୍ରଙ୍କ ପ୍ରତି ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଓ ପଦାଧିକାରୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ପୁରୋଧା ତଥା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପବିତ୍ର ଉତ୍କଳ ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଉତ୍କଳ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ଡା. ନିରୂପମା ଚୟନୀ, ସଚିବ ସୁଧାଂଶୁ ଭୂଷଣ କର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ପ୍ରାଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର, ଅଧ୍ୟାପକ ଗୁରୁପ୍ରସାଦ ମୁଖାର୍ଜୀ, ଅଧ୍ୟାପିକା ସାଗରିକା ନାୟକ, ମୋନାଲିସା ବସ୍ତିଆ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ କର୍ମଚାରୀ ଉତ୍ସବରେ ଉପସ୍ଥିତ ଥିଲେ। ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଉତ୍କଳ ସନ୍ତାନ




ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ପକ୍ଷରୁ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସଙ୍କ ସଭାପତିତ୍ୱରେ ମର୍କତନଗରସ୍ଥିତ ସେକ୍ଟର-୯ ପୂଜାମଣ୍ଡପ ପରିସରରେ ଅନୁଷ୍ଠିତ ସଭାରେ ବହୁବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉତ୍କଳ ଦିବସର ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରସନ୍ନ କୁମାର ମହାପାତ୍ର, ସମାଜସେବୀ ଅଶୋକ ସେନାପତି, ଓଡିଶା ନବନିର୍ମାଣ ବିକାଶମଞ୍ଚ କଟକ ଜିଲ୍ଲା ସଭାପତି ବିଶ୍ୱପ୍ରକାଶ ଦାଶ, ଓଡିଶା ଉଚ୍ଚନ୍ୟାୟଳୟର ବରିଷ୍ଠ କର୍ମଚାରୀ ଚିତ୍ତରଞ୍ଜନ ଜୀ, ବରିଷ୍ଠ ନାଗରିକ ନିତ୍ୟାନନ୍ଦ ପାଣିଗ୍ରାହୀ, ପ୍ରଫେସର ସବିତାବାଳା ଆଚାର୍ଯ୍ୟ, ଡାକ୍ତର ଅନିନ୍ଦିତା ମହାପାତ୍ର, ସାରସ୍ୱତ ସାଧିକା ସସ୍ମିତା ଦାସ, ଲକ୍ଷ୍ମୀସ୍ୱରୂପା ଦାସ, ଆଡ଼ଭୋକେଟ ବିଶ୍ୱଜିତା ଜେନା, ପ୍ରାପ୍ତିକର ମହାପାତ୍ର, ଶକ୍ତିସ୍ୱରୂପା ଦାସ ଓ ମହାଶ୍ୱେତା ଦେବରାୟ ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ପଣ୍ଡିତ ନିରାକାର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ମହାନଦୀବିହାର ଯୋଗକେନ୍ଦ୍ର



ମହାନଦୀ ବିହାର ପତଞ୍ଜଳି ଯୋଗକେନ୍ଦ୍ରରେ ଯୋଗ ଶିକ୍ଷକ ସତ୍ୟ ରଞ୍ଜନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ବୀରପୁତ୍ରମାନଙ୍କ ଅବଦାନ ଉପରେ ଆଲୋକପାତ କରିଯିବା ସହ ଓଡ଼ିଆ ଭାଷାର ଇତିହାସ ଓ ଓଡ଼ିଆ ସଂସ୍କୃତି ବିଷୟରେ ଆଲୋଚନା କରାଯାଇଥିଲା। ପ୍ରମୋଦ ଦାଶ, ସ୍ୱାଗତିକା ମହାନ୍ତି, ଡଃ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ବିଦ୍ୟୁତଲତା ରାୟ, ଅଳକା ନାୟକ, ଲୋପାମୁଦ୍ରା, ପ୍ରୀତିସୁଧା, ଗୀତାଞ୍ଜଳି ସାହୁ, ରଶ୍ମିତା ବସ୍ତିଆ, ଲକ୍ଷ୍ମଣ କରଣ, ସୁଧାଂଶୁ ମହାନ୍ତି, ରୀତା ପୁହାଣ, ଶରତ ଚନ୍ଦ୍ର ପଣ୍ଡା, ଝୁନାରାଣୀ ବେହେରା, ସ୍ନେହଲତା ଦାସ, ରଶ୍ମିତା ଦଳେଇ, ଗୀତାଞ୍ଜଳି ଶତପଥୀ, ସୁଶୀମ ଶାହା ଓ ଶରତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବୈଦିକ ଯଜ୍ଞ, ଓଡ଼ିଆ ଭାଗବତ ପାଠ, ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର ପ୍ରୟୋଗ ନିମନ୍ତେ ସଂକଳ୍ପ ଓ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

### କଟକ ମହାନଗର ଶାନ୍ତି କମିଟି



କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ପବିତ୍ର ଉତ୍କଳ ଦିବସ ମହାସମାରୋହରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମିଟିର କର୍ମକର୍ତ୍ତାମାନେ ଗୋରାକବରଠାରେ ଏକାଠି ହୋଇ ମଧୁବାବୁଙ୍କ ସମାଧି ପୀଠରେ ମାଲ୍ୟାର୍ପଣ କରିବା ସହ ହରିଣପାର୍କ ଛକ, ଷ୍ଟାଡିୟମ ଛକ, କ୍ୟାଣ୍ଟେନମେଣ୍ଟ ଛକ, ଗୋପବନ୍ଧୁ ପାର୍କ, କେବିକେ ରୋଡ଼, ସହିଦ ପାର୍କ, ନେତାଜୀଙ୍କ ଜନ୍ମସ୍ଥାନ, ଶାନ୍ତି କମିଟି କାର୍ଯ୍ୟାଳୟ ନିକଟ, ଗୌରୀଶଙ୍କର ପାର୍କ, ବିଜୁଭବନ, ରାମଚନ୍ଦ୍ର ଭବନ, ପୁରୀଘାଟ ଓ ଦେବୀଗଡାସ୍ଥିତ ଶାନ୍ତି କମିଟିର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତଃ ମଦନମୋହନ ଦାସ ଓ ପୂର୍ବତନ ସଭାପତି ସ୍ୱର୍ଗତଃ କ୍ଷେତ୍ରମୋହନ ଦାସଙ୍କ ସମେତ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଉପସଭାପତି ଦେବେନ୍ଦ୍ର କାହାଳୀ, ସଂଗଠନ ସମ୍ପାଦକ ନରେଶଚନ୍ଦ୍ର ସାହୁ, ସହସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ଡଃ ଦ୍ୱିପାୟନ ପଟ୍ଟନାୟକ ଓ ମୀନକେତନ ଦାସ, କାର୍ଯ୍ୟାଳୟ ସମ୍ପାଦକ କେଦାର ବେହେରା, ସହସମ୍ପାଦକ ସୁଦୀପ୍ତ ସ୍ୱାଇଁ ଏବଂ ପୂର୍ବତନ କର୍ପୋରେଟର ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ



ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସଂଘର କର୍ମକର୍ତ୍ତାମାନେ ଉତ୍କଳର ବରପୂତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କ୍ୟାଣ୍ଟନମେଣ୍ଟ୍ ରୋଡ୍ରେ ଅବସ୍ଥିତ ଉତ୍କଳ ଗୌରବ ମଧୂସୁଦନଙ୍କ ପ୍ରତିମୂର୍ତ୍ତି, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରତ୍ନାକର ପ୍ରଧାନ, ପ୍ରଭାସ ପ୍ରଧାନ, ମନୋଜ ପାଲ, ମନୋଜ ପଟ୍ଟନାୟକ, ମିଲୁ ବେହେରା, ପ୍ରତାପ ବେହେରା, ମାନସରଞ୍ଜନ ଦାସ ଓ ଚଗଲା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ନ୍ୟୁ ଷ୍ଟିୱାର୍ଟ ସ୍କୁଲ



ମିଶନରୋଡ଼ସ୍ଥିତ ନ୍ୟୁ ଷ୍ଟିୱାର୍ଟ ବିଦ୍ୟାଳୟରେ ଉତ୍କଳ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଭରେଣ୍ଡ ଡିକନ୍ ମୋଜେଶ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଅମୂଲ୍ୟକୁମାର ବେହେରା, ଛାତ୍ର ପିୟୂଷ ତ୍ରିପାଠୀ, ଛାତ୍ରୀ ସାୟସା ଦାସ ଉତ୍କଳ ଦିବସ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ଯେଶିକା ଯାନଭି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ସଂଗୀତ ଦଳ ଓ ଶିକ୍ଷୟିତ୍ରୀ ଚୌଧୁରୀ ମନସ୍ୱିନୀ ଦାସ ସଂଗୀତ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ ଷ୍ଟିୱାଟ୍ ସ୍କୁଲର ଶିକ୍ଷକ କୈଳାସଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ଶିକ୍ଷକ ଆଲୋକପ୍ରକାଶ ସାହୁ, ଅମୂଲ୍ୟ କୁମାର ବେହେରା, ଶିକ୍ଷୟିତ୍ରୀ ରୂପାଲି ପ୍ରକାଶ ପରିଚାଳନା କରିଥିଲେ। ଛାତ୍ର ଅଞ୍ଜିତ ଦାଶ ଓ ଛାତ୍ରୀ ଅଞ୍ଜଳି ସାହୁ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ଶିକ୍ଷୟିତ୍ରୀ ସଂଗୀତା ପାତ୍ର ଧନ୍ୟବାଦ ଦେଇଥିଲେ।

---

### ● ମାଇକ୍ରୋ ଆର୍ଟିଷ୍ଟ ମନୋଜଙ୍କ କଳାକୃତି

## ୩୦୦ ଦିଆସିଲି କାଠିରେ ଓଡ଼ିଶା ମାନଚିତ୍ର



**କଟକ,୧।୪(ସମିସ):** ଉତ୍କଳ ଦିବସ ଉପଲକ୍ଷେ ନିଆରା କଳାକୃତି କରି ଚର୍ଚ୍ଚାକୁ ଆସିଛନ୍ତି ସିଡିଏ ସେକ୍ଟର-୭ ଅଞ୍ଚଳର ଯୁବକ ମନୋଜ କୁମାର ସାହୁ। ୩୦୦ ଖଣ୍ଡ ଦିଆସିଲ କାଠି ବ୍ୟବହାର କରି ସେ ଓଡ଼ିଶା ମାନଚିତ୍ର ଏବଂ ଏହା ଉପରେ ଅଗଣିତ ଓଡ଼ିଆଙ୍କ ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ପ୍ରତିକୃତି ପ୍ରସ୍ତୁତ କରିଛନ୍ତି। ଏହି ନିଆରା କଳାକୃତି ଦ୍ୱାରା ସାମାଜିକ ଗଣମାଧ୍ୟମରେ ଢ଼େର ପ୍ରଶଂସା ସାଉଁଟିଛନ୍ତି ମନୋଜ। ପତ୍ର, ସାବୁନ, ଆଇସକ୍ରିମ କାଠି ହେଉ କି ଦିଆସିଲ କାଠି, ଏ ସବୁ ବ୍ୟବହାର କରି ସେ ଆକର୍ଷଣୀୟ କଳାକୃତି କରିପାରନ୍ତି। ଯେଉଁଥିପାଇଁ, କଟକର ଏହି ଯୁବକଙ୍କୁ ସମସ୍ତେ ମାଇକ୍ରୋ ଆର୍ଟିଷ୍ଟ ବୋଲି ଜାଣନ୍ତି।

ରାମଚନ୍ଦ୍ର ସାହୁ ଏବଂ ପ୍ରମିଳା ସାହୁଙ୍କ ପୁଅ ମନୋଜଙ୍କ ନିଜ ଘର କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅଞ୍ଚଳରେ। ସେ ପଦାର୍ଥ ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି। କଟକରେ ରହିବା ସହ ଏକ ଘରୋଇ କଲେଜରେ ଚାକିରି କରୁଥିଲେ। ଏବେ ସରକାରୀ ଚାକିରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି। କୋଭିଡ ମହାମାରୀ ସମୟରେ ହିଁ ତାଙ୍କ ଅର୍ନ୍ତନିହିତ ପ୍ରତିଭାର ବିକାଶ ଘଟିଥିଲା। ଘରେ ବସିଥିବା ବେଳେ କିଛି ନୂଆ କରିବା ପାଇଁ ମନ ବଳାଇଥିଲେ। ଏହା ପରେ ସେ ଛୋଟ ଛୋଟ ସାମଗ୍ରୀରେ ଚିତ୍ର ଆଙ୍କି, ଏହାର ଫଟୋକୁ ସୋସିଆଲ ମିଡିଆରେ ଅପଲୋଡ କରିଥିଲେ। ବିଭିନ୍ନ ବର୍ଗରୁ ତାଙ୍କୁ ପ୍ରଶଂସା ମିଳିଥିଲା। ଏହା ପରେ ସେ ଏଭଳି କଳାକୃତିରେ ମନୋନିବେଶ କରିଥିଲେ। ଉତ୍କଳ ଦିବସ ଉପଲକ୍ଷେ ଏହି ନିଆରା କଳାକୃତି କରିବା ପାଇଁ ଗୋଟିଏ ଦିନ ସମୟ ଲାଗିଛି ବୋଲି ମନୋଜ କୁହନ୍ତି।

### ଉତ୍କଳ ଦିବସ ଉପଲକ୍ଷେ ଗଣଦୌଡ଼

## ପୁରୁଷରେ ରଶ୍ମିରଞ୍ଜନ, ମହିଳାରେ ସନ୍ଧ୍ୟା ବିଜୟୀ

କଟକ,୧।୪(ସମିସ)



ପବିତ୍ର ଉତ୍କଳ ଦିବସ ଉପଲକ୍ଷେ କଟକ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ବାରବାଟୀ ଦୁର୍ଗ ନିକଟରୁ ଦୌଡ ଆରମ୍ଭ ହୋଇଥିଲା। ସଂସଦର ସମ୍ପାଦକ ଆଶୀର୍ବାଦ ବେହେରା ପତାକା ଦେଖାଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀମାନେ ସହରର ବିଭିନ୍ନ ଛକ ଦେଇ ବାରବାଟୀ ଷ୍ଟାଡିୟମ କ୍ଲବ ହାଉସ ନିକଟରେ ପହଞ୍ଚିଥିଲେ। ପୁରୁଷ ବର୍ଗରେ ରଶ୍ମିରଞ୍ଜନ ନାୟକ, ଆସମାନ ପୃଷ୍ଟି ଏବଂ ଦିବ୍ୟ ରଞ୍ଜନ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ, ପୂଜା ବେହେରା, ମାମିନା ମୁର୍ମୁ, ବରିଷ୍ଠ ବାଳକ ବର୍ଗରେ ଅଭିଶିଖା, ସାଲଖୁ କିସକୁ, ଦିବ୍ୟରଞ୍ଜନ ଭୋଇ, ବରିଷ୍ଠ ବାଳିକା ବର୍ଗରେ ସ୍ୱର୍ଣ୍ଣଲତା ଶର୍ମା, ସୁଭଦ୍ରା ମହାରଣା, ରେଶ୍ମା କୁଜୁର, କନିଷ୍ଠ ବାଳକ ବର୍ଗରେ ତାରିଣୀ ସେଠୀ, ଚନ୍ଦ୍ରମଣୀ ସୋରେନ, ମାନସ ରଞ୍ଜନ ସେଠୀ, କନିଷ୍ଠ ବାଳିକା ବର୍ଗରେ ମେହକ ବେଗମ, ସୁବାଶିନୀ ନାଥ ଏବଂ ଲିପିନା ନାଥ ପ୍ରଥମରୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ଗଣଦୌଡରେ ପ୍ରାୟ ୮୦୦ ପ୍ରତିଯୋଗୀ ଭାଗ ନେଇଥିଲେ। କ୍ଲବ ହାଉସରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏସନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ସଂଗଠକ ବିଜୟ ଦାସ, ଭକ୍ତ ବଲ୍ଲଭ ଦାସ, ସହଦେବ ରାଉତ, ଦିଲ୍ଲୀପ ସାହୁ, ରମେଶ ଚନ୍ଦ୍ର ମଲ୍ଲିକ, ସୁଭାଶିଷ କର, ଅଭିଜିତ ପାଲ, କିଶୋର ବେହେରା, ନବକିଶୋର ମିଶ୍ର, ଦିନେଶ୍ୱର ଭଗତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



# ଟ୍ରାଫିକ୍ ପୁଲିସକୁ ଅଂଶୁଘାତ ଭୟ

କଟକ, ୧।୪(ସମିସ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଆଜି ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏବେ ଠାରୁ ଉତ୍ତପ୍ତ ହେଲାଣି କଟକ। ସହରର ତାପମାତ୍ରା ଆଜି ୩୮ ଡିଗ୍ରୀ ଟପିଥିବା ବେଳେ ଘର ବାହାରେ ଅଗ୍ନିବର୍ଷା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ପରିସ୍ଥିତିରେ ୧୫୦ଜଣ ଟ୍ରାଫିକ୍ ପୁଲିସ ପ୍ରଚଣ୍ଡ ଖରାରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଜି ସମ୍ଭାବ୍ୟ ଗ୍ରୀଷ୍ମ ମୁକାବିଲା ପାଇଁ ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବସି ଥିଲା। ଆଗାମୀ ୩ଦିନ ମଧ୍ୟରେ ସମସ୍ତ ଟ୍ରାଫିକ୍ ପୋଷ୍ଟ ନିକଟକୁ 'ଜଳଦୂତ'ଯିବାକୁ ନିଷ୍ପତ୍ତି ହୋଇଛି। ଗ୍ରୀଷ୍ମ ଦିନେ ଅଧିକାଂଶ ଟ୍ରାଫିକ୍ ପୋଷ୍ଟର ଛାତ ନଥିବାରୁ ଟ୍ରାଫିକ୍ କର୍ମଚାରୀ ଅଂଶୁଘାତର ଶିକାର ହେବାର ଆଶଙ୍କା ରହିଛି। ସହରର ଅନେକ ଟ୍ରାଫିକ୍ ପୋଷ୍ଟରେ ଉପର ଛାତ ନଥିବାରୁ ଏବଂ ଭଙ୍ଗା ପୋଷ୍ଟ ଥିବାରୁ ମୁକ୍ତାକାଶ ତଳେ ଅସହ୍ୟ ଖରାରେ ଟ୍ରାଫିକ୍ କର୍ମଚାରୀମାନେ ଡ୍ୟୁଟି କରୁଥିବା ଦେଖାଯାଉଛି। ବିଶେଷ କରି ଗତ ୧୫ଦିନ ହେବ କଟକ ସହରରେ ଅସହ୍ୟ ଗୁଳୁଗୁଳି ଏବଂ ଖରାରେ ଟ୍ରାଫିକ୍ ପୁଲିସ ରାସ୍ତା ଉପରେ ଛିଡ଼ା ହୋଇ ଡ୍ୟୁଟି କରୁଛନ୍ତି। ଏଭଳି ଖରା କିମ୍ବା ଗୁଳୁଗୁଳି ଲାଗି ରହିଲେ କର୍ତ୍ତବ୍ୟରତ ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କ ଅବସ୍ଥା ଅସମ୍ଭାଳ ହୋଇ ପଡ଼ିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଟ୍ରାଫିକ୍ ଏସିପି ସୁଶାନ୍ତକୁମାର ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରତି ଟ୍ରାଫିକ୍ ପୋଷ୍ଟରେ ୨୦ଲିଟିର ଥଣ୍ଡା ପାଣି ବୋତଲ ମହଜୁଦ ରଖାଯିବ। ଜଳଦୂତ ନାମକ ଏକ ୱାଟର୍ ଟ୍ୟାଙ୍କର୍ ଗାଡି ସହରର ବିଭିନ୍ନ ଟ୍ରାଫିକ୍ ପୋଷ୍ଟକୁ ଯାଇ ପିଇବା ପାଣି ଯୋଗାଇବ। ଖୁବଶୀଘ୍ର ଅତ୍ୟାଧୁନିକ ଟ୍ରାଫିକ୍ କିଓସ୍କୋ(ଅତ୍ୟାଧୁନିକ ଟ୍ରାଫିକ୍ ପୋଷ୍ଟ) ନିର୍ମାଣ କରାଯାଉଛି। ଖରା, ବର୍ଷା, ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଏହି କିଓସ୍କୋ ଗୁରୁ ଦାୟିତ୍ୱ ବହନ କରିବ ବୋଲି ଟ୍ରାଫିକ୍ ଏସିପି ଶ୍ରୀ ସିଂ କହିଛନ୍ତି।

- ଗ୍ରୀଷ୍ମ ମୁକାବିଲା ପାଇଁ ସମୀକ୍ଷା
- ୩ଦିନ ମଧ୍ୟରେ ବୁଲିବ 'ଜଳଦୂତ'
- ପ୍ରତି ଟ୍ୟାଙ୍କର୍‌ରେ ରହିବ ୨୦ ଲିଟର ଥଣ୍ଡା ପାଣି







ସୂଚନା ଥାଉ କି, ସାରା ସହରରେ ରହିଛି ମୋଟ୍ ୫୩ଟି ଟ୍ରାଫିକ୍ ପୋଷ୍ଟ। ଏମ୍ଏସ୍‌ଡବ୍ଲ୍ୟୁ-୧ ଉପରେ ନବନିର୍ମିତ ରାସ୍ତାର ଉଦ୍‌ଘାଟନୀ ପରେ ବଜ୍ରକବାଟୀ ଟ୍ରାଫିକ୍ ପୋଷ୍ଟଟି ନୂତନ ଭାବେ ନିର୍ମାଣ କରାଯାଇଛି। ହେଲେ ସହରର ଅନ୍ୟ ୩୦ଟି ଟ୍ରାଫିକ୍ ପୋଷ୍ଟ ବିଭିନ୍ନ କାରଣରୁ ଭାଙ୍ଗିରୁଜି ଯାଇଛି। ଏଠାରେ ଡ୍ୟୁଟି କରୁଥିବା ଟ୍ରାଫିକ୍ ପୁଲିସ ପ୍ରଚଣ୍ଡ ଖରାରେ ରାସ୍ତା ଉପରେ ଛିଡ଼ା ହୋଇ ଡ୍ୟୁଟି କରୁଛନ୍ତି। ରାସ୍ତା ନିର୍ମାଣ, ରାସ୍ତା ନବୀକରଣ, ଜାଇକା ନିର୍ମାଣ ଭଳି ଏକାଧିକ ଉନ୍ନୟନମୂଳକ କାର୍ଯ୍ୟ ଚାଲୁଥିବାରୁ ରାସ୍ତା ମଝିରୁ ପୋଷ୍ଟ ଗୁଡ଼ିକ ହଟାଇ ଦିଆଯାଇଛି। ଯାହାଫଳରେ ଡ୍ୟୁଟି ସମୟରେ ପ୍ରଚଣ୍ଡ ଖରାରେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି ଟ୍ରାଫିକ୍ କର୍ମଚାରୀ।

ଅନ୍ୟପକ୍ଷରେ ମଧୁପାଟଣାରେ ଟ୍ରାଫିକ୍ ବାରାକ୍ ନିର୍ମାଣ ନିମନ୍ତେ ବାରମ୍ବାର ଚିଠି ଲେଖାଯାଇଥିବା ବେଳେ ଏଥିପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନାହିଁ। ସହରରେ ଡ୍ୟୁଟି କରୁଥିବା ଟ୍ରାଫିକ୍ କର୍ମଚାରୀଙ୍କ ପାଇଁ ମଧୁପାଟଣା ଟ୍ରାଫିକ୍ ଟାୱାରରେ ବସିବାକୁ ବ୍ୟବସ୍ଥା ନଥିବାରୁ ଟାୱାରର ତଳ ମହଲାରେ ଥିବା ଟ୍ରମା କେୟାରର ନିମନ୍ତେ ଉର୍ଦ୍ଦିଷ୍ଟ ଘରେ ସେମାନେ ବିଶ୍ରାମ ନେଉଥିଲେ। ଏବେ ଉକ୍ତ ଗୃହକୁ ଇ-ଚାଲାଣ କାଉଣ୍ଟର୍ କରାଯିବା ପରେ ଟ୍ରାଫିକ୍ ପୁଲିସ ବସିବାକୁ ଜାଗା ନାହିଁ। ଟ୍ରାଫିକ୍ ଡ୍ୟୁଟି ଦିନ ୧ଟାରୁ ୪ଟା ଯାଏଁ ବନ୍ଦ ରହୁଥିବାରୁ ସେହି ସମୟରେ ସତୀଚଉରା, ରାଣୀହାଟ, ଚାନ୍ଦିନୀଚୌକ, ଲିଙ୍କରୋଡ୍, ଖାନନଗର, ଶିଖରପୁର, ଓଏମ୍‌ପି, ରେଳଷ୍ଟେସନ୍, କଲେଜଛକ, ଯୋବ୍ରା, ଚହଟା ଭଳି ସ୍ଥାନରେ ଡ୍ୟୁଟି କରୁଥିବା କର୍ମଚାରୀ ବିଶ୍ରାମ ନେବାକୁ ହନ୍ତସନ୍ତ ହେଉଛନ୍ତି। ଆଜି ଟ୍ରାଫିକ୍ ଏସିପି ଶ୍ରୀ ସିଂ ସୂଚନା ଦେଇଛନ୍ତି, ଅତ୍ୟାଧୁନିକ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ନିମନ୍ତେ କଟକ ମହାନଗର ନିଗମ ଏବେ ସର୍ଭେ କରୁଛି। ସିଡିଏ, ସିଏମ୍‌ସି ଏବଂ ପୁଲିସ ବିଭାଗର ମିଳିତ ପ୍ରୟାସରେ ନିର୍ବାଚନ ପରେ ନୂତନ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରାଯିବ।

## ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଜଳ ବିଶୁଦ୍ଧୀକରଣ ମେସିନ ପ୍ରଦାନ




କଟକ, ୧।୪(ସମିସ): ଏସ୍‌ସିବି ମେଡିକାଲ କଲେଜର ୟୁଜି ଏବଂ ପିଜି ହଷ୍ଟେଲ ଅନ୍ତେବାସୀଙ୍କ ନିମନ୍ତେ ୬ଟି ଜଳ ବିଶୁଦ୍ଧୀକରଣ ମେସିନ ପ୍ରଦାନ କରିଛି ଆଇଡିବିଆଇ ବ୍ୟାଙ୍କ। ଆଇଡିବିଆଇ ବ୍ୟାଙ୍କ ନିର୍ଦ୍ଦେଶକ ସମରେଶ ପରିଡ଼ା, ଭୁବନେଶ୍ୱର ଜୋନ୍ ସିଜିଏମ କୁନ୍ତଳ ବିଶ୍ୱାସ, ଜିଏମ ସନ୍ଦୀପ ପଟ୍ଟନାୟକ, ରବି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ରହି ମେସିନ ଗୁଡିକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ବ୍ୟାଙ୍କର ଏଭଳି ପଦକ୍ଷେପକୁ ପ୍ରଶଂସା କରାଯାଇଛି।

## ଜାଲ୍ ପ୍ରମାଣପତ୍ର ଦେଇ ଜାମିନ୍ ନେବା ଅଭିଯୋଗରେ ଏତଲା

କଟକ, ୧।୪(ସମିସ): ଜାଲ ପ୍ରମାଣପତ୍ର ଦେଇ ଜଣେ ଅଭିଯୁକ୍ତକୁ ଜାମିନରେ ନେଇଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ଜଣାପଡ଼ିବା ପରେ ଦୌରାଜଜ୍‌ଙ୍କ ଅଦାଲତ ପକ୍ଷରୁ ଲାଲବାଗ ଥାନାରେ ଏତଲା ଦିଆଯାଇଛି। ଏଭଳି ଏକ ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ତନାଘନା ଆରମ୍ଭ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, କଟକରେ ଘଟିଥିବା ଏକ ଜାଲିଆତି ଘଟଣାରେ ଧର୍ମଶାଳା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଥିଲା। ତାଙ୍କୁ ଅଦାଲତରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଏହିକ୍ରମରେ ଧର୍ମଶାଳା ଅଞ୍ଚଳର ସ୍ମୃତିରଞ୍ଜନ ସମଦର୍ଶୀ ଅଭିଯୁକ୍ତକୁ ଜାମିନ୍‌ରେ ନେବା ପାଇଁ ଆବଶ୍ୟକ ନଥିପତ୍ର ଅଦାଲତରେ ଦାଖଲ କରିଥିଲେ। ଏହାପରେ ଅଦାଲତ ଅଭିଯୁକ୍ତକୁ ଜାମିନ ପ୍ରଦାନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଉକ୍ତ କାଗଜପତ୍ର ଯାଞ୍ଚ କରାଯିବାରୁ ସେଥିରୁ ଅନେକ ନଥିପତ୍ର ଜାଲ ଥିବା ଜଣାପଡ଼ିଥିଲା। ଫଳରେ ଅଦାଲତଙ୍କ ପକ୍ଷରୁ ଏ ନେଇ ଥାନାରେ ଏତଲା ଦିଆଯାଇଛି।

## ଲୁଟେରା ଗିରଫ

କଟକ, ୧।୪(ସମିସ): ଜଣେ ପେସାଦାର ଲୁଟେରାକୁ ଦରଘାବଜାର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ସ୍ଥାନୀୟ ବାଉଁଶ ଗଳିର ଏସକେ ତଉସିଫ(୨୫)। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଖଟବିନ ସାହି ମସଜିଦ ଗଳିରେ ଯାଜପୁର ବିଞ୍ଝାରପୁରର ଆଜାରଉଦ୍ଦୀନ ନିଜ ପରିବାର ସହ ରହୁଛନ୍ତି। ରବିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ସେ ଦରଘାବଜାର ସ୍ଥିତ ଏକ ଔଷଧ ଦୋକାନ ପାଖରେ ଛିଡା ହୋଇଥିଲେ। ଏହି ସମୟରେ ହଠାତ ଅଭିଯୁକ୍ତ ତଉସିଫ ଆସି ତାଙ୍କୁ ଆକ୍ରମଣ କରିଥିଲା। ଆଜାରଉଦ୍ଦିନ ତଳେ ପଡ଼ିଯିବା ପରେ ତଉସିଫ ତାଙ୍କ ପକେଟରୁ ୩ହଜାର ୮ଶହ ଟଙ୍କା ଛଡାଇ ଚମ୍ପଟ ମାରିଥିଲା। ଘଟଣା ପରେ ସେ ତୁରନ୍ତ ଥାନାରେ ଏତଲା ଦେଇଥିଲେ। ପୁଲିସ କେସ ନଂ ୬୪/୨୪, ଆଇପିସିର ୩୯୨ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକାରୀଙ୍କ ବୟାନ ଏବଂ ସିସିଟିଭି ଫୁଟେଜ ଆଧାରରେ ପୁଲିସ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ତଦନ୍ତକ୍ରମେ ଆଜି ତାକୁ ଗିରଫ କରାଯାଇଛି। ଅଭିଯୁକ୍ତ ତଉସିଫ ପାଖରୁ ୨୩୦୦ ଟଙ୍କା ଉଦ୍ଧାର ହୋଇଛି ବୋଲି ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା କହିଛନ୍ତି।

## ୨୭ ନଂ ୱାର୍ଡରେ ସାଂଗଠନିକ ପ୍ରସ୍ତୁତି ବୈଠକ



କଟକ, ୧।୪(ସମିସ): ଆଜି ସନ୍ଧ୍ୟାରେ ୱାର୍ଡ ନଂ ୨୭ର ଏକ ବୁଥସ୍ତରୀୟ ସାଂଗଠନିକ ପ୍ରସ୍ତୁତି ବୈଠକ ନଗର କଂଗ୍ରେସ ପୂର୍ବତନ କର୍ପୋରେଟର କେଦାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସେଲଟର ଛକ ସ୍ଥିତ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ କିପରି ସଂଗଠନକୁ ଆହୁରି ସୁଦୃଢ କରାଯିବ ସେ ସମ୍ପର୍କରେ କାମ କରିବାକୁ ପାଇଁ ଆହ୍ୱାନ ଦେଇଥିଲେ। ୱାର୍ଡ ଅଞ୍ଚଳରେ ହୋଇଥିବା ବିଧାୟକ ଉନ୍ନୟନ ପାଣ୍ଠିରୁ ସମସ୍ତ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୱାର୍ଡର ଏକ ପୂର୍ଣ୍ଣାଙ୍ଗ ବୈଠକ ୱାର୍ଡ ମଧ୍ୟରେ କରାଯିବା ନେଇ ବୈଠକରେ ନିଷ୍ପତ୍ତି କରାଯାଇଥିଲା। ଏଥିରେ ଅଶୋକ ମୂଳିଆ, ହର ମୂଳିଆ, ରଶ୍ମି ରଞ୍ଜନ ମିଶ୍ର, ସ୍ମିତା ସେନା, ଶ୍ରୀକାନ୍ତ ବେହେରା, ପ୍ରଫୁଲ୍ଲ ମହାରଣା, ଅଜୟ ପ୍ରଧାନ, ଅକ୍ଷୟ ମୂଳିଆ, ଭାନୁପ୍ରିୟା ସେନ, ସୋମାନାଥ ବେହେରା, ଜ୍ୟୋତି ପ୍ରକାଶ ମହାପାତ୍ର, ସୁରେଶ ବାରିକ, ସଂଗ୍ରାମ କେଶରୀ ସେନ, ଅଭିଜିତ ସେନ, ବିଭୁତି ଆଚାର୍ଯ୍ୟ, ବିରେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଶପଥ ନେଲେ କଟକ ଟାକ୍ସ ବାର୍ ଆସୋସିଏସନ କର୍ମକର୍ତ୍ତା

କଟକ, ୧।୪(ସମିସ): କଟକ ଟାକ୍ସ ବାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ନଟବର ପଣ୍ଡା ଓ ସହକାରୀ ନିର୍ବାଚନ ଅଧିକାରୀ ନିରୋଦ କୁମାର ପାଲ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। କୌଣସି ପଦ ପାଇଁ ଏକରୁ ଅଧିକ ପ୍ରାର୍ଥୀ ନ ଥିବାରୁ ସମସ୍ତେ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ଭାବେ କୌସ୍ତୁଭ ଚୌଧୁରୀ, ସମ୍ପାଦକ ସୌମ୍ୟଶିବ ମହାନ୍ତି, ଯୁଗ୍ମ ସମ୍ପାଦକ ଶୁଭାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ କମିଟିକୁ ଗୀତାଞ୍ଜଳି ଦାସ, ଜିତେନ୍ଦ୍ର ଜେନା, ସୁନୀଲ ଜେନା, ପିଙ୍କୁଶ୍ରୀ ତ୍ରିପାଠୀ, କିଶୋର ସ୍ୱାଇଁ ଓ ରଘୁନାଥ ସାହୁ ପ୍ରମୁଖ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଏକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ ପ୍ରମଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଦିଲ୍ଲୀପ ସାହୁ, ଅମୂଲ୍ୟ ମେହେର, ସୁନାକର ମହାନ୍ତି, ଦୁଲାଲ ଜେଠୀ, ଶୈଳେନ ଠାକୁର, ଦୀପ୍ତି ମହାପାତ୍ର, ତେଜେଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଚଳଚ୍ଚିତ୍ର 'ୱାଇଫ୍'ର ପୋଷ୍ଟର ଉନ୍ମୋଚିତ

**ସମ୍ମାନିତା ପ୍ରତିଭା ସମ୍ମାନ-୨୦୨୪**




କଟକ, ୧।୪(ସମିସ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସମ୍ମାନିତା ଅନୁଷ୍ଠାନର ବାର୍ଷିକ ଉତ୍ସବ ସହିତ ଓଡ଼ିଆ ଚଳଚ୍ଚିତ୍ର ୱାଇଫର ପୋଷ୍ଟର ଉନ୍ମୋଚନ ହୋଇଛି। ପାଠାଗାର ଅଭିଯାନ, ମହିଳାମାନଙ୍କ ଋତୁସ୍ରାବ ଜନିତ ସଚେତନତା, ଶିଶୁମାନଙ୍କର ଶିକ୍ଷା ଓ ବିକାଶମୂଳକ କାର୍ଯ୍ୟ, ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ଆଣିବା ପ୍ରୟାସ, ବୃଦ୍ଧାଶ୍ରମରେ ଥିବା ଗୁରୁଜନଙ୍କ ମୁହଁରେ ହସ ଫୁଟାଇବା, ସାମାଜିକ, ଗଣମାଧ୍ୟମର ଅପବ୍ୟବହାର ଉପରେ ସଚେତନତା, ବିଭିନ୍ନ ସଚେତନତାମୂଳକ କର୍ମଶାଳା, ବିଭିନ୍ନ ପ୍ରକାର ପ୍ରତିଯୋଗିତା ଏବଂ ପ୍ରତିଭାବାନ ଲୋକଙ୍କୁ ସୁଯୋଗ ଦେବା ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରିଆସୁଛି। ସବୁଥର ପରି ଏଥର ମଧ୍ୟ ସମ୍ମାନୀତା ପାଳନ କରୁଛି ପ୍ରତିଭା ସମ୍ମାନ-୨୦୨୪। କେବଳ ମହିଳା ନୁହେଁ, ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ 'ସମ୍ମାନୀତା' ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥି ସହ ବର୍ଷାଙ୍କର ଆଗାମୀ ଚଳଚ୍ଚିତ୍ର (ୱାଇଫ)ର ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଏବଂ ଅଭିନେତା ମୁନ୍ନା ଖାଁ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ମେଘନା ମିଶ୍ର, ସନଲିସା ପଟେଲ, ସଙ୍ଗୀତା ସାହୁ, ପ୍ରେରଣା, ରୁମଝୁମ, ନିଦ୍ଧି ଗର୍ଗ, ୟୁଟ୍ୟୁବର ରାଜୁ ଦାସଙ୍କ ସମେତ ବହୁ ସମାଜସେବୀ, ପ୍ରତିଷ୍ଠିତ ବ୍ୟକ୍ତି ମାନେ ସମ୍ମାନିତ ହୋଇଥିଲେ। ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିଲେ। ବିଜୟ କାଣ୍ଡୋଇ, ବବି ଇସଲାମ, ରାଜ ରାଜେଶ, ଜୟଜିତ, ଲିପ୍ସା ମିଶ୍ର, ସୁଜାତା କର, ବାପୁ ଲେଙ୍କା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମ୍ମାନୀତାର ଉପସଭାପତି ବନାନୀ ଦଲେଇ, ଏସସିବି ମେଡିକାଲର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ପ୍ରଶାନ୍ତ ପରିଡ଼ା, ସୋଫିର ପରିଚାଳକ ଅବିନାଶ ତ୍ରିପାଠୀ, ସମ୍ମାନୀତାର ବରିଷ୍ଠ ସଭ୍ୟ ସୁଜୟ ସରକାର, ରିଙ୍କୁ, ମିହିର ଦାସ, ପ୍ରଶାନ୍ତ ବେହେରା, ବିଶ୍ୱରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଦିବାକର ସ୍ୱାଇଁ ସ୍ମାରକୀ ଫୁଟବଲ**

## ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ୍ ଚାମ୍ପିଅନ

କଟକ, ୧।୪(ସମିସ)

ନରଣପୁର ଖେଳ ପଡ଼ିଆରେ ଚାଲିଥିବା ୧୦ମ ଦିବାକର ସ୍ୱାଇଁ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଥିଲା। ଉତ୍କଣ୍ଠାପୂର୍ଣ୍ଣ ଫାଇନାଲ ମୁକାବିଲାରେ ଗଣ୍ଡରପୁରର ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ୧-୦ ଗୋଲରେ ଗୋଠପୁରର ମା' ମଙ୍ଗଳା କ୍ଲବକୁ ହରାଇ ଚଳିତ ସଂସ୍କରଣର ଚାମ୍ପିଅନ ଟାଇଟଲ୍ ହାସଲ କରିଛି। ସେହିପରି ପ୍ରତିଯୋଗିତାର ଭେଟେରାନ ବର୍ଗ ଫାଇନାଲରେ ବିଡାନାସୀ ଓ ସଦର ଦଳ ମୁହାଁମୁହିଁ ହୋଇଥିଲେ। ପେନାଲ୍ଟି ସୁଟଆଉଟ୍‌ରେ ବିଡାନାସୀ ଦଳ ୫-୪ ଗୋଲରେ ବିଜୟ ଲାଭ କରିଥିଲା।

ତିନି ଦିନ ଧରି ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ପ୍ରଥମ ସେମି ମୁକାବିଲାରେ ଗୋଠପୁରର ମା' ମଙ୍ଗଳା କ୍ଲବ ୫-୩ ଗୋଲରେ ଜୟପୁରର ବନମହାବୀରକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଗଣ୍ଡରପୁରର ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ୧-୦ ଗୋଲରେ ଗୋବିନ୍ଦପୁର ଜେ.ଡି କ୍ଲବକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ବେଲଗଛିଆ ସରପଞ୍ଚ ମାନିନି ସାହୁ, ସମିତି ସଭ୍ୟ ନାରାୟଣ ସେନାପତି, ବ୍ଲକ ବିଜେଡ଼ି ସଭାପତି ଅଶୋକ ରାଉତ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ, ବାରଙ୍ଗ ବ୍ଲକ ମିଶନ ଶକ୍ତି ଅଧ୍ୟକ୍ଷା ସୁମିନା ପ୍ରଧାନ, ନିପେନ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମ୍ୟାଚ ଗୁଡ଼ିକୁ ରେଫରି ସୋମନାଥ ମୁର୍ମୁ, ଜନ୍ ନାୟକ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ଯୋଗୀ ମାଲିଆ ପ୍ରମୁଖ ପରିଚାଳନା କରିଥିବା ବେଳେ ରଙ୍କନିଧି ରାଉତ ମଞ୍ଚ ପରିଚାଳନା କରିଥିଲେ। କ୍ଲବର ଧରେନ୍ଦ୍ର ବିଶ୍ୱାଳ, ଭରତ ସ୍ୱାଇଁ, ପ୍ରଭାକର ରାଉତ, ସୁରେଶ ସ୍ୱାଇଁ, ବିରେନ ରାଉତ, ରାଜେନ୍ଦ୍ର ସ୍ୱାଇଁ, ରଞ୍ଜନ ସାହୁ, ଅକ୍ଷୟ ବିଶ୍ୱାଳ, ଦିନେଶ ରାଉତ, ମାନୁ ରାଉତ, ସ୍ୱାଗତ ବିଶ୍ୱାଳ, ତୁଷାର ରାଉତ, ଟିକୁ ବିଶ୍ୱାଳ, ବିଶାଲ ରାଉତ, ଗୁଡୁ ସାହୁ, ମିଳନ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



**ସନ୍ତୃପ୍ତଙ୍କ ପ୍ରଚାର ଜୋରଦାର**

## 'ଜିଲ୍ଲାର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯିବ'



କଟକ, ୧।୪(ସମିସ)

ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଜୋରଦାର ପ୍ରଚାର ଚଳାଇଛନ୍ତି। ସୋମବାର ଦିନ ସେ କଟକ ସହର ସମେତ ବାଙ୍କୀ ବ୍ଲକରେ ମଧ୍ୟ ନିର୍ବାଚନୀ ପ୍ରଚାର କରିଥିଲେ। ଲୋକଙ୍କୁ ଭେଟି ରାଜ୍ୟ ସରକାରଙ୍କ ମହତ ଯୋଜନା ଗୁଡିକ ବିଷୟରେ ଆଲୋଚନା କରିଥିଲେ। ଗାଁ ହେଉ କି ସହରାଞ୍ଚଳ, କଟକ ଜିଲ୍ଲାର ସାମଗ୍ରିକ ବିକାଶ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ପ୍ରକାଶ ଥାଉକି, ପବିତ୍ର ଉତ୍କଳ ଦିବସ ପାଳନ ପରିପ୍ରେକ୍ଷୀରେ ସାଂସଦ ପ୍ରାର୍ଥୀ ସନ୍ତୃପ୍ତ ସହରର ବିଭିନ୍ନ ସ୍ଥାନରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଗଡ଼ଗଡେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ପ୍ରଚାର ଆରମ୍ଭ କରିଥିଲେ। ପରେ କଦମ ରସୁଲ ଯାଇଥିଲେ। ସେଠାରେ ମୁସଲିମ ଭାଇଭଉଣୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଦୋଳମୁଣ୍ଡାଇ ସ୍ଥିତ ଆକବରୀ ହୋଟେଲରେ ବିଜୁ ଜନତା ଦଳର ନେତା ଓ କର୍ମୀଙ୍କୁ ନେଇ ବୈଠକରେ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ତଥା କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ସନ୍ତୃପ୍ତଙ୍କୁ କିଭଳି ବିପୁଳ ଭୋଟରେ ବିଜୟୀ କରାଯିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଭିଡିଓ କନଫରେନ୍ସି ମାଧ୍ୟମରେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡ଼ିକର ବ୍ୟାପକ ପ୍ରଚାର ପ୍ରସାର କରାଯିବା ସହ ବିଜେଡିର ସମସ୍ତ ପ୍ରାର୍ଥୀଙ୍କୁ ଜିତାଇବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଜେଡି ନଗର ସଭାପତି ମଧୁସୂଦନ ସାହୁଙ୍କ ସମେତ ବିଜେଡିର ଛାମୁଆ ନେତା ସମସ୍ତ ବିଜେଡି କର୍ପୋରେଟର ଓ ୱାର୍ଡ ସଭାପତିମାନେ ଉପସ୍ଥିତ ଥିଲେ।



ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

# 'ସମୃଦ୍ଧ ଓଡ଼ିଶା ଗଠନରେ ଉତ୍ସର୍ଗୀକୃତ ମନୋଭାବ ଜରୁରୀ'



ନିଶ୍ଚିନ୍ତକୋଇଳି



ଚୌଦ୍ୱାର



ଟାଙ୍ଗୀ



ବରିଷ୍ଠ ନାଗରିକ ସଂଘ



ମଧୁବାବୁଙ୍କ ଜନ୍ମପୀଠ



ମାହାଙ୍ଗା

ନିଶ୍ଚିନ୍ତକୋଇଳି,୧।୪(ସମିସ)

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ୮୮ବର୍ଷ ହୋଇଯାଇଥିଲେ ମଧ୍ୟ ଏବେ ଓଡ଼ିଶା ସେତେ ସମୃଦ୍ଧ ହୋଇ ନ ଥିଲା ବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଦିନକୁ ଦିନ ବିପଦ ଆଡ଼କୁ ଗତି କରୁଛି। ଓଡ଼ିଶାବାସୀ ଓଡ଼ିଆ ଭାଷାକୁ ଅଧିକ ଗୁରୁତ୍ୱ ନ ଦେଇ ଅନ୍ୟ ଭାଷା ପ୍ରୀତି ହେଉଥିବାରୁ ବିଭିନ୍ନ ଦିଗରେ ଓଡ଼ିଆ ଭାଷାକୁ ଅବହେଳିତ କରାଯାଉଥିବା ଦେଖାଦେଇଛି। ଏକ ବିକାଶଶୀଳ ଓଡ଼ିଶା ଗଠନ କରିବା ସହିତ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାକୁ ହେଲେ ପ୍ରତ୍ୟେକ ଓଡ଼ିଆମାନଙ୍କର ଉର୍ତ୍ସଗୀକୃତ ମନୋଭବର ଆବଶ୍ୟକତା ଜରୁରୀ ହୋଇପଡ଼ିଛି ବୋଲି ଉତ୍କଳ ଦିବସ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଖଣ୍ଡସାହି ସ୍ଥିତ ଜଗନ୍ନାଥ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ଶକ୍ତିରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଉତ୍କଳ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗୌରାଙ୍ଗଚରଣ ସାହୁ, ଶିକ୍ଷୟିତ୍ରୀ ପ୍ରଜ୍ଞା ମିଶ୍ର, ଲୋପାମୁଦ୍ରା ବାରିକ, ଇତିଶ୍ରୀ ବେହେର, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ସାହୁ, ଅରବିନ୍ଦ ମିଶ୍ର, ବିଜୟକେତନ ରାଉତ ପ୍ରମୁଖ ଯୋଗଦେଇ ସ୍ୱତନ୍ତ ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ରଙ୍କ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଭୂମିପୁତ୍ର ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଦେବେନ୍ଦ୍ର ସାହୁଙ୍କ ପୌରହିତ୍ୟରେ ନିଶ୍ଚିନ୍ତକୋଇଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍କଳ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁପାଟଣା ଚିତ୍ରୋତ୍ପଳା ଖଦି ଗ୍ରାମୋଦ୍ୟୋଗର ସଂଘର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ସରପଞ୍ଚ ମଧୁସ୍ମିତା ରାଉତ, ନାରୀ ଜାଗରଣ ସଂଘର ସମ୍ପାଦିକା ସବିତା ଶତପଥୀ, ଯୁବନେତା ହେମନ୍ତ ରାଉତ, କେଶବ ସାହୁ, କୈଳାସ ମହାପାତ୍ର, ପ୍ରଭାତ ସାହୁ, ପ୍ରହଲ୍ଲାଦ ଦାସ ପ୍ରମୁଖ ଯୋଗଦେଇଥିଲେ।

**ଟାଙ୍ଗୀ :** ଟାଙ୍ଗୀ ଅଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାଅନୁଷ୍ଠାନରେ ୮୮ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସଭାପତି ଦିଲ୍ଲିପ କୁମାର ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁଚିତ୍ରା ମହାନ୍ତି ଯୋଗଦେଇ ଉକ୍ତ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯିବା ସହ ବର୍ଷ ଆରମ୍ଭ ହୋମଯଜ୍ଞ, କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅରକ୍ଷିତ ସ୍ୱାଇଁ ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦକ ଭାଗ୍ୟଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସହଯୋଗ କରିଥିଲେ। ସେହିପରି ମହତାବ ପାଠାଗାର, ଗରୁଡଗାଁ ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଥିଲା। ପାଠାଗାରର ସଂଗଠନ ସମ୍ପାଦକ ଶରତ ଚନ୍ଦ୍ର ଧଳ ଅଧ୍ୟକ୍ଷତା କରିଥିବାବେଳେ ଅତିଥିଭାବେ ଶିଶୁ ସାହିତ୍ୟିକ ପର୍ଶୁରାମ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଘନଶ୍ୟାମ ବେହେରା, ଜୀବନ କୁମାର ସ୍ୱାଇଁ, କାନପୁର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ ବେହେରା, ସମାଜସେବୀ ଅଶୋକ କୁମାର ଖିଲାର ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଅଜିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଉତ୍କଳମଣି ବିଦ୍ୟାପୀଠର ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମିଶ୍ର, ବରିଷ୍ଠ ଶିକ୍ଷକ ବିଘ୍ନେଶ୍ୱର ସ୍ୱାଇଁ ସମେତ ଅନ୍ୟାନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହିପରି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଆଞ୍ଜୁଆ ବିଶ୍ୱନାହାକାଣୀ ପରିସରରେ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ଦିବସ ପାଳନ କରାଯାଇଥିଲାବେଳେ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ଚୌଦ୍ୱାର :** ଚୌଦ୍ୱାରରେ ଉତ୍କଳ ଦିବସ ସମାରୋହରେ ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ଗୌରବ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ, ବିଜୁବାବୁ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବା ସହ ଉତ୍କଳ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା। ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ପ୍ରାକ୍ତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, କାଉନସିଲର ଆଶୁତୋଷ ଦାସ, ଅଜୟ ବେହେରା, ଅର୍ଜୁନୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ ସଂଘର ସମ୍ପାଦକ ସୁକାନ୍ତ ମହାନ୍ତି, ବୈଷ୍ଣବ ଚରଣ ପ୍ରଧାନ, ଓଷ୍ଟାର ଶିକ୍ଷାବିତ୍ ଶିବପ୍ରସାଦ ପତି, ଅକ୍ଷୟ ମିଶ୍ର, ନରହରି ନାୟକ, ବିଜୟ ନନ୍ଦ, ଅଲେଖ ବେହେରା, ପବିତ୍ରମୋହନ ସାହୁ, ଅଶୋକ କୁମାର ନାୟକ, ସାମ୍ବାଦିକ ଗଙ୍ଗାଧର ସାହୁ, ସତ୍ୟବ୍ରତ ଦାସ, କେ.ସି. ପ୍ରତାପ ସିଂହ, ମାନସ ରଞ୍ଜନ ସାମଲ, ଆଇନଜୀବୀ ରମେଶ ଚନ୍ଦ୍ର ଭୂୟାଁ, ଅଧ୍ୟାପକ ଶରତ ଚନ୍ଦ୍ର ନାୟକ, କିଶୋର ମହାନ୍ତି, ପ୍ରଣବ ମହାନ୍ତି, ଅକ୍ଷୟ ଭୂୟାଁ, ମୃତ୍ୟୁଞ୍ଜୟ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଗଠନ ସଂପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଯୁଗ୍ମ ସଂପାଦିକା ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚୌଦ୍ୱାର ପୌର ପରିଷଦ ତରଫରୁ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ସେହିପରି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିରୂପା ବ୍ୟାରେଜ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ହାଉସିଂବୋର୍ଡ ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ୧୯ ନଂ ୱାର୍ଡ କାଉନସିଲର ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘ

**ଚୌଦ୍ୱାର :** ଚୌଦ୍ୱାର ପୌରପାଳିକା ୧୭ ନଂ ୱାର୍ଡ ନୂଆସାହି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉତ୍କଳ ଦିବସ ସାମାରୋହ ପାଳିତ ହୋଇଯାଇଛି। ସ୍ୱାଗତିକା ଫାଉଣ୍ଡେସନ ବୃଦ୍ଧାଶ୍ରମ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ରଘୁନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିଭୁଦାସ ବର୍ଦ୍ଧନ ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷବିତ୍ ଶିବପ୍ରସାଦ ପତି ଉତ୍କଳ ଗୌରବର ବରପୁତ୍ରଙ୍କ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅଲେଖ ଚନ୍ଦ୍ର ବେହେରା, ଈଶ୍ୱର ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ବାରିକ, ପ୍ରଭାକର ନାୟକ, ରବିନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସାହୁ, ରାମଚନ୍ଦ୍ର ବେହେରା, ମଥୁରାନନ୍ଦ ବେହେରା, ଧନେଶ୍ୱର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଶ୍ରମ ପରିଚାଳକ ଦେବେନ୍ଦ୍ର କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁବାବୁଙ୍କ ଜନ୍ମପୀଠ

**ସାଲେପୁର :** ସାଲେପୁର ବ୍ଲକ୍ ଅନ୍ତର୍ଗତ ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁବାବୁଙ୍କ ପୀଠରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। କସ୍ତୁରବା ଗାନ୍ଧୀ ସ୍ମାରକନିଧି ଟ୍ରଷ୍ଟର ସଂପାଦିକା ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବାସୁଦେବ ରାଉତ, ପ୍ରକାଶ ତ୍ରିପାଠୀ, ଅଶୋକ ସ୍ୱାଇଁ, ଶିକ୍ଷାବିତ୍ ରାମଚନ୍ଦ୍ର ପାଣି, ଖୁଲଣା ଦାସ, ସୁରେନ୍ଦ୍ର ମହାରଣା, ପରମାନନ୍ଦ ମୁଦୁଲି, ଦିଲ୍ଲୀପ ସାମଲ, ପ୍ରଶାନ୍ତ ରାଉତ, ସୌରଭ ପାଢ଼ୀ, କନ୍ୟାଶ୍ରମର ଅନ୍ତେବାସୀମାନେ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ସ୍ମୃତିଚାରଣ କରିଥିଲେ।

## ମାହାଙ୍ଗା ପଞ୍ଚାୟତ ସମିତି

**ମାହାଙ୍ଗା :** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପ୍ରତିଭା ଭବନ ପରିସରରେ ଆଜି ମାହାଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ୮୮ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ନାଟ୍ୟକାର ହୃଷିକେଷ ଲାଲ, କବି ପ୍ରଶାନ୍ତ କର, ସମାଜସେବୀ ପ୍ରଶାନ୍ତ ପଟ୍ଟନାୟକ, ହୃଷିକେଶ ସ୍ୱାଇଁ, ରିୟାଜୁଲ୍ ହୋଦା, ସରପଞ୍ଚ ରାଜକିଶୋର ବଳ, ଦିନବନ୍ଧୁ ସାହୁ, ରବିନ୍ଦ୍ର ବାଗ, ସସ୍ମିତା ଦାସ, ମମତା ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍କଳ ଦିବସ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଜୟ ଦାସ, ଆଲୋକ ବାରିକ, ମୃତ୍ୟୁଞ୍ଜୟ ବରାଳ, ଜଚିନ୍ଦ୍ର ବିଶ୍ୱାଳ, କୁନିଆ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଟିଗିରିଆ ସଂସ୍କୃତି ପରିଷଦ

**ଟିଗିରିଆ :** ଟିଗିରିଆ ସଂସ୍କୃତି ପରିଷଦ ପକ୍ଷରୁ ସୋମବାର ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରାତଃ କାଳରେ ସଂସ୍କୃତି ପରିଷଦର ସଂପାଦକ ବିକ୍ରମ କେଶରୀ ଦାଶଙ୍କ ନେତୃତ୍ୱରେ ପରିଷଦର ସଭ୍ୟମାନେ ପବିତ୍ର ମୋହନ ବିଦ୍ୟାପୀଠ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣୀ ଗୋପବନ୍ଧୁ ଦାସ ଓ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତି ଅର୍ଘ୍ୟ ପ୍ରଦାନ କରିଥିବା ବେଳେ ଅପରାହ୍ନରେ ଟିଗିରିଆ ଟାଉନ କ୍ଲବ ପରିସରରେ ପରିଷଦର ସଭାପତି ସୁବୋଧ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏକ ନିରାଡମ୍ବର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସାଂସଦ ସୁବାସ ଚନ୍ଦ୍ର ମହାନ୍ତି, ଜୟନ୍ତ ସିଂ, ପ୍ରଣବ ପଟ୍ଟନାୟକ, ଲଳିତକୃଷ୍ଣ ଦାସ, ବିକ୍ରମ କେଶରୀ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଅକ୍ଷୟ କଁଅର, ଜୟନ୍ତ ସାହୁ, ତନ୍ମୟ କୁମାର ମିଶ୍ର, ଶଙ୍କର୍ଷଣ ମହାନ୍ତି ପ୍ରମୁଖ ଉତ୍କଳର ବରପୁତ୍ରମାନଙ୍କ ଜୀବନୀ ତଥା ଉତ୍କଳ ପ୍ରତି ସେମାନଙ୍କ ଅବଦାନ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

## ଆଠଗଡ଼ ଉପଖଣ୍ଡସ୍ତରୀୟ

**ଆଠଗଡ :** ୮୯ତମ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଆଜି ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ଦିବସ ସମାରୋହ ଆୟୋଜିତ ହୋଇଯାଇଛି। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପୂର୍ବସୂରୀମାନଙ୍କର ସ୍ମୃତିଚାରଣ କରିବା ସହ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ନିମନ୍ତେ ସମସ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଡେପୁଟୀ କଲେକ୍ଟର ସୌଦାମିନୀ ସାହୁ, ସହକାରୀ ଜିଲ୍ଲାପାଳ ଶୁଭକଲ୍ୟାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟୁଷରୁ ସହାରରେ ଡାକବାଜି ଯନ୍ତ୍ର ଯୋଗେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ସହରରେ ଅବସ୍ଥାପିତ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଉପଜିଲ୍ଲାପାଳ ମାଲ୍ୟାର୍ପଣ କରିଥିଲେ। ଆଜି ଦିବସରେ ଆୟୋଜିତ ସଭାକୁ ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ତାପସ କୁମାର ଓଝା ପରିଚାଳିତ କରିଥିବା ବେଳେ ଶାଖା ଅଧିକାରୀ ଦିନେଶ ବେହେରା ଧନ୍ୟବାଦ ଦେଇଥିଲେ।

## ବାଙ୍କୀ ଉପଖଣ୍ଡସ୍ତରୀୟ

**ବାଙ୍କୀ :** ଆଜି ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ କଚେରୀ ପରିସରରେ ଅବସ୍ଥିତ ବରପୁତ୍ର ମହାତ୍ମାଗାନ୍ଧୀ, ଡ. ବିଆର ଆମ୍ବେଦକର, ପଣ୍ଡିତ ଗୋପବନ୍ଧୁ ଦାଶ, ପଣ୍ଡିତ ଗୋବିନ୍ଦ ରଥ ଓ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଏକ ସାଧାରଣ ସଭା ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଅମ୍ଳାନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସଂପର୍କରେ ନିଜର ମତପ୍ରକାଶ କରିଥିଲେ। ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବାଙ୍କୀ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ବିଭାଗ ବରିଷ୍ଠ କର୍ମ.ଚାରୀ କାଳୀଚରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀଙ୍କୁ ଉପଜିଲ୍ଲାପାଳ ଶ୍ରୀ ମହାନ୍ତି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ନାଗରିକ ଓ ବରିଷ୍ଠ କର୍ମ.ଚାରୀମାନେ ଯୋଗଦେଇଥିଲେ।



ଆଠଗଡ



ବାଙ୍କୀ ଉପଖଣ୍ଡସ୍ତରୀୟ



ବାଙ୍କି ବରିଷ୍ଠ ନାଗରିକ ସଂଘ

## ବୟୋଜ୍ୟେଷ୍ଠ ନାଗରିକ ସଂଘ

**ବାଙ୍କୀ :** ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଆଜି ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ଆଇନଜୀବୀ ବିରଞ୍ଚି ନାରାୟଣ ଦାସ ଅଧ୍ୟକ୍ଷତା କରି ଉତ୍କଳ ଦିବସର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ବୈଠକରେ ସଭ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରସନ୍ନ ଜେନା, ନୀଳମାଧବ ମିଶ୍ର, ସୁଦର୍ଶନ ଦାସ, ପ୍ରେମାନନ୍ଦ ରାଜ, ରଞ୍ଜନ କୁମାର ସାମନ୍ତରାୟ, ଶରତ ଚନ୍ଦ୍ର ଦିକ୍ଷୀତ୍, ଉମେଶ ଚନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର କର, ଅଜିତ୍ ସେଠ, ସୁବାସ ଚନ୍ଦ୍ର ପ୍ରହରାଜ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଙ୍କୀ ଓକିଲ ସଂଘ

**ବାଙ୍କୀ :** ବାଙ୍କୀ ଓକିଲ ସଂଘ ପକ୍ଷରୁ ଓକିଲ ସଂଘ କାର୍ଯ୍ୟାଳୟ ଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ସଂପାଦକ ସୁବାସିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅଜୟ ପଟ୍ଟନାୟକ, ଭାଗ୍ୟଧର ନାୟକ, ପୃଥିରାଜ ନାରାୟଣ ପଣ୍ଡା, ଦେବଦୂତ କୁମାର, ପୀତବାସ ମଲ୍ଲିକ, ଆଶୁତୋଷ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ଉତ୍କଳ ଗୋ÷ରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍କଳ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ।

## ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ

**ବାଙ୍କୀ :** ଡମପଡ଼ା ବ୍ଲକ ବାଆଁରା ଅନ୍ତର୍ଗତ ସୁବୁଦ୍‌ଧେଶ୍ୱର ମିଳିତ ବିଦ୍ୟାପୀଠରେ ଆଜି ବିଦ୍ୟାପୀଠର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ରାଉତଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପଣ୍ଡିତ ପ୍ରହଲ୍ଲାଦ ବେଉରା, କ୍ରୀଡା ଶିକ୍ଷକ ପ୍ରମୋଦ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଉତ୍କଳ ଦିବସ ପାଳନର ଆଭିମୁଖ୍ୟ ସଂପର୍କରେ କହିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯିବା ପରେ ଛାତ୍ର ଓମ୍ ପ୍ରକାଶ ସାହୁ ଉତ୍କଳ ଦିବସ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାପୀଠର ସମସ୍ତ ଶିକ୍ଷକ, କର୍ମ.ଚାରୀ ଓ ଛାତ୍ରଛାତ୍ରୀମାନେ ଉତ୍କଳ ଗୋ÷ରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେହିପରି ବାଆଁରା ଶ୍ରୀ ବୁଦ୍‌ଧେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳ ଦିବସ ଅନୁଷ୍ଠାନର ସଂପାଦକ ଗୋ÷ରାଙ୍ଗ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ସାହୁ, ସଭ୍ୟ ସରୋଜ ବେହେରା, ଅମିତ ସାହୁ ପ୍ରମୁଖ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ବାଙ୍କୀ ଓକିଲ ସଂଘ



ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ

## ପର୍ବତେଶ୍ୱର ସାହିତ୍ୟ ଓ ସଂସ୍କୃତି ସଂସଦ

**ବାଙ୍କୀ :** ଆଜି ବାଙ୍କୀ କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ଦିବସ ଅବସରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପର୍ବତେଶ୍ୱର ସାହିତ୍ୟ ସଂସଦର ସଭାପତି ମନୋଜ କୁମାର ମହାପାତ୍ର, ସଂପାଦକ ବିଦ୍ୟାଧର ଖଟୁଆ ଓ ଅଜୟ କୁମାର ଦୀକ୍ଷିତ, କୃପାସିନ୍ଧୁ ପ୍ରଧାନ ଓ ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ଦିବସ ସମାରୋହର ଦ୍ୱିତୀୟ ସନ୍ଧ୍ୟା

# ଚିତ୍ତାକର୍ଷକ ନୃତ୍ୟଗୀତରେ ଦର୍ଶକ ବିମୋହିତ

ସାଲେପୁର,୧।୪(ସମିସ)

ଉତ୍କଳ ଦିବସ ସମାରୋହ ଓ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶେଖର ଘୋଷ ଏଠାରେ ଉପସ୍ଥିତ ରହି ତାଙ୍କର ସୁଲଳିତ କଣ୍ଠରେ ବହୁ ପୁରୁଣା ସଂଗୀତ ଗାନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ବ୍ୟଙ୍ଗ କବି ବିଭୁପ୍ରସାଦ ନାୟକ(ଧର୍ମଛଡା) ଓ ସୁଶାନ୍ତ କୁମାର ସାହୁ(ଦୁର୍ବଳିଆ) ଯୋଗଦେଇ ଏହି କାର୍ଯ୍ୟକ୍ରମରେ ବ୍ୟଙ୍ଗାତ୍ମକ ସଂଗୀତ ମାଧ୍ୟମରେ ଦର୍ଶକଙ୍କର ମନ ଛୁଇଁଥିଲେ। ଏହି ଅବସରରେ ନୃତ୍ୟଶ୍ରୀ କଳା ନିକେତନର କଳାକାରମାନେ ଚିତ୍ତାକର୍ଷକ ସଂଗୀତ ପରିବେଷଣ କରି ହଜାର ହଜାର ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ମୁଖ୍ୟଅତିଥି ରୂପେ ରାଜ୍ୟ ସାମ୍ବାଦିକ ସଂଘର ସଭାପତି କୈଳାସ ନାୟକ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ହୃଷିକେଶ ମଲ୍ଲିକ, ସହସଂପାଦକ ପ୍ରଦୀପ ପରିଜା, କୋଷାଧ୍ୟକ୍ଷ ସୁଧୀର ଶତପଥୀ, ଅରବିନ୍ଦ ଭୂୟାଁ, ହେମନ୍ତ ଭୂୟାଁ, ସୁଜିତ୍ ଭୂୟାଁ, ଶିଶିର କୁମାର ଦାଶ, ଅନନ୍ତ ଚରଣ ଦାଶ, ପ୍ରତାପ ଭୂୟାଁ, ପ୍ରଦୀପ୍ତ କର, ବିରଞ୍ଚିନାରାୟଣ କର, ନାରାୟଣ ଭୂୟାଁ, ବିଭୁତିଭୂଷଣ କର, ଚିତ୍ତରଞ୍ଜନ ମୁଦୁଲି, ପ୍ରତ୍ୟୁଷ ମହାନ୍ତି, ଅଜୟ ସାହୁ, ତାରାକାନ୍ତ ନାୟକ, କମଳାକାନ୍ତ ଦାସଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ।



● ଓସିଏସ ଅଫିସରଙ୍କୁ ଆଇଏଏସ ପଦୋନ୍ନତି ପ୍ରଦାନ ପ୍ରସଙ୍ଗ

## କ୍ୟାଟ୍‌ର ଆଦେଶ ହାଇକୋର୍ଟରେ ରଦ୍ଦ

**କଟକ, ୧।୪ (ସମିସ):** ଜଣେ ଅବସରପ୍ରାପ୍ତ ଓଡ଼ିଶା ସିଭିଲ ସର୍ଭିସ୍ ଅଫିସରଙ୍କୁ ଆଇଏଏସ୍ ପଦୋନ୍ନତି ସହ ଆନୁଷଙ୍ଗିକ ସୁବିଧା ପ୍ରଦାନ ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ(କ୍ୟାଟ)ଙ୍କ ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାୟର ରିଟ୍ ଆବେଦନର ଶୁଣାଣି କରି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିପକ୍ଷ ଓସିଏସ୍ ଅଧିକାରୀଜଣକ ଗତ ୨୦୧୧ ଜାନୁଆରୀ ୩୦ରେ ଅବସର ଗ୍ରହଣ କରିଥିଲେ। ୨୦୧୧ ଫେବୃଆରୀ ୧୫ରେ ଗୋଟିଏ ଭିଜିଲାନ୍ସ ମାମଲାରୁ ମୁକ୍ତ ହୋଇଥିଲେ ମଧ୍ୟ ଆଉ ୩ ଗୋଟି ମାମଲା ବିଚାରାଧୀନ ଥିବା ସହ ଗୋଟିକରେ ଚାର୍ଜସିଟ ଦାଖଲ ହୋଇଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ପ୍ରତିପକ୍ଷଙ୍କୁ ଆଇଏଏସ୍ ପଦୋନ୍ନତି ସହ ତତ୍‌ସଂଲଗ୍ନ ସମସ୍ତ ବକେୟା ପ୍ରଦାନ ପାଇଁ ଟ୍ରିବ୍ୟୁନାଲ ୨୦୧୨ ଜୁଲାଇ ୨୭ରେ ଆଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ।

## ଦୋଳ ଉତ୍ସବରେ ଗଣ୍ଡଗୋଳ; ଚାରି ଆହତ

**ଆଠଗଡ଼, ୧।୪(ସମିସ):** ଆଠଗଡ଼ ଥାନା ଅନ୍ତର୍ଗତ ଧାଇପୁର ଗ୍ରାମରେ ଦୋଳ ଉତ୍ସବ ପାଳନ ବେଳେ ଗଣ୍ଡଗୋଳ ଓ ଦୋକାନ ଭଙ୍ଗାରୁଜା ହୋଇଥିବାବେଳେ ୪ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଧାଇପୁର ଗ୍ରାମରେ ଗତକାଲି ଦୋଳ ଉତ୍ସବ ଚାଲିଥିବା ବେଳେ କିଛି ଦୁର୍ବୃତ୍ତ ଆଠଗଡ଼ ମୁଣ୍ଡଳୀ ରାସ୍ତା କଇଥ ଛକଠାରେ ଥିବା ସୁରେନ୍ଦ୍ର ସାହୁଙ୍କ ମିଠା ଦୋକାନରେ ପଶି ଭଙ୍ଗାରୁଜା କରିବା ସହିତ ସିସିଟିଭି ଭାଙ୍ଗିଥିଲେ। ଏ ବାବଦରେ ଆଠଗଡ଼ ଥାନାରେ ଦୁଇଟି ପୃଥକ୍ ପୃଥକ୍ ଅଭିଯୋଗ ହୋଇଛି। ସୁମା ସାହୁଙ୍କ ଅଭିଯୋଗକୁ ଆଧାର କରି କେସ ନଂ ୧୦୭/୨୪ ଏବଂ ସୁରେଶ ସାହୁଙ୍କ ଅଭିଯୋଗକୁ ଆଧାର କରି କେସ ନଂ ୧୦୮ /୨୪ ଅନୁସାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ଦୁର୍ବୃତ୍ତମାନେ ସୁରେଶ ସାହୁଙ୍କ ଜଳଖିଆ ଦୋକାନରେ ପଶି ଭଙ୍ଗାରୁଜା କରୁଥିବା ବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏହାକୁ ଆଧାର କରି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

## ମଦ ଜବତ; ଜଣେ ଗିରଫ

**ଆଠଗଡ଼, ୧।୪(ସମିସ):** ଆଜି ଆଠଗଡ଼ ପୁଲିସ ପକ୍ଷରୁ ଖୁଣ୍ଟକଟା ତାରିଣୀ ଛକ ନିକଟରେ ଚଢଉ କରି ୧୦୦ ଲିଟର ଚୋରା ଦେଶୀ ରନ୍ଧା ମଦ ସହିତ ସ୍କୁଟି ଜବତ କରାଯାଇଛି। ମଦ ଚୋରାଚାଲାଣ ଅଭିଯୋଗରେ ବାଙ୍କୀ ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ନୀଳମଣି ସାହୁଙ୍କ ପୁଅ ମନୋଜ ସାହୁଙ୍କୁ ଗିରଫ କରାଯାଇଛି। ଚାରୋଟି ବ୍ଲାଡରରେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡା ଅଞ୍ଚଳରୁ ଗୋଟିଏ ସ୍କୁଟିରେ ବାଙ୍କୀ ଅଞ୍ଚଳକୁ ଏହି ଚୋରା ଦେଶୀ ରନ୍ଧା ମଦ ଚାଲାଣ ହେଉଥିବା ବେଳେ ପେଟ୍ରୋଲିଂ କରୁଥିବା ପୁଲିସ ଜବତ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆଠଗଡ଼ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଶ୍ରେୟସ ସ୍ଥିତପ୍ରଜ୍ଞଙ୍କୁ ସଫଳତା

**ବଡ଼ମ୍ବା, ୧।୪(ସମିସ):** ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁମନ୍ଦିର ବଡମ୍ବାର ଛାତ୍ର ଶ୍ରେୟସ ସ୍ଥିତପ୍ରଜ୍ଞ ସଦ୍ୟ ପ୍ରକାଶ ପାଇଥିବା ଜବାହର ନବୋଦୟ ବିଦ୍ୟାଳୟରେ ନାମଲେଖା ପାଇଁ ଚଳିତବର୍ଷ ମନୋନୀତ ହୋଇଛନ୍ତି। ପୂର୍ବରୁ ଆଦର୍ଶ ବିଦ୍ୟାଳୟ ପାଇଁ ମନୋନୀତ ହୋଇଥିବା ଶ୍ରେୟସ ଶିଶୁମନ୍ଦିରର ଜଣେ ମେଧାବୀ ଛାତ୍ର ସହ ଶାନ୍ତ, ସରଳ ଓ ମେଳାପୀ ସ୍ୱଭାବର ହୋଇଥିବା ତାଙ୍କ ପ୍ରଧାନଆଚାର୍ଯ୍ୟା ରୀନାରାଣୀ ମିଶ୍ର କହିଥିବାବେଳେ ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଚମ୍ପେଇଦ୍ୱାର ଗଡ଼ାପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସୁପୁତ୍ର ବୋଲି ଜଣାପଡ଼ିଛି। ଏହି ଖବର ସମ୍ପର୍କରେ ଜଣାପଡ଼ିବା ପରେ ଗୁରୁଜୀ, ଗୁରୁମା, ସେବିକା ଭଉଣୀଙ୍କ ସହିତ ସମ୍ପାଦକ ମନୋରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଭକ୍ତ ଚରଣ ନାୟକ ମଧ ଶ୍ରେୟସଙ୍କୁ ଶୁଭେଚ୍ଛା ସହ ଆଶିର୍ବାଦ ପ୍ରଦାନ କରିଛନ୍ତି।

## ହାତୀ ଆକ୍ରମଣରେ ଆହତଙ୍କୁ ସହାୟତା



**ଟାଙ୍ଗୀ, ୧।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କିଆଝର ମୁଣ୍ଡାସାହିର କାହ୍ନୁଚରଣ ମେଲସାଣ୍ଡି ହାତୀ ଆକ୍ରମଣରେ ଆହତ ହୋଇ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ଏ ସମ୍ପର୍କରେ 'ସକାଳ' ଖବରକାଗଜରେ ଉକ୍ତ ଘଟଣା ପ୍ରକାଶିତ ହେବା ପରେ କଟକ ଦିଶୁମ ହୋ ସମାଜ ପକ୍ଷରୁ ସମ୍ପାଦକ ମଖୁମଲ ସଏଙ୍କ ନେତୃତ୍ୱରେ ଆହାତ ମେଲସାଣ୍ଡିଙ୍କୁ ସୋମବାର ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ। ଉକ୍ତ ସମୟରେ ଗରୁଡ଼ଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ, ହୋ ସମାଜର ଗମନ କଳା, ରାଜେନ୍ଦ୍ର କୁମାର ଗାଗାରାଇ, କୃଷ୍ଣ ଚନ୍ଦ୍ର ସାଣ୍ଡିଲ୍, ଗଣେଶ ହେମ୍ବ୍ରମ୍, ଦେବେନ୍ଦ୍ର ଚାମ୍ପିଆ, ଅନାମ ଚରଣ ମୁଣ୍ଡା, ଦେବ କୁର୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

ବାଙ୍କୀରେ ବିଜେଡିର କର୍ମୀ ସମାବେଶ

# ସାଂସଦ ପ୍ରାର୍ଥୀ ସନ୍ତୃପ୍ତ ଓ ବିଧାୟକ ପ୍ରାର୍ଥୀ ଦେବୀଙ୍କୁ ଜିତାଇବାକୁ ଆହ୍ୱାନ

**ବାଙ୍କୀ, ୧।୪(ସମିସ)**

ଆଜି ବିଜୁ ଜନତା ଦଳ ପକ୍ଷରୁ କଟକ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଡକ୍ଟର ସନ୍ତୃପ୍ତ ମିଶ୍ର ବାଙ୍କୀ ଗସ୍ତରେ ଆସିଥିଲେ। ବାଙ୍କୀ କଟକ ରାସ୍ତାର ଜାତମୁଣ୍ଡିଆ ଛକ ଠାରୁ ବିଜେଡିର ଏକ ବିରାଟ ଶୋଭାଯାତ୍ରାରେ ସନ୍ତୃପ୍ତ ଯୋଗଦେଇଥିଲେ। ଏହାପରେ ବାଙ୍କୀ ଟାଉନସ୍ଥିତ ମହାରଣା ମଣ୍ଡପ ଠାରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା ଏଥିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ତାଙ୍କ ଅଭିଭାଷଣରେ ପ୍ରାର୍ଥୀ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରି ତାଙ୍କର ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡକ୍ଟର ମିଶ୍ରଙ୍କୁ କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ମନୋନୀତ କରିଥିବାରୁ ବାଙ୍କୀ ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତା ଓ ବିଜୁ ଜନତା ଦଳର କର୍ମୀମାନେ ତାଙ୍କୁ ଆସନ୍ତା ନିର୍ବାଚନରେ ବିପୁଳ ଭୋଟ ଦେଇ ବିଜୟୀ କରିବା ନିମନ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ ବ୍ଲକ ଚେୟାରମ୍ୟାନ୍ ପୁଷ୍ପଲତା ସାମନ୍ତ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର



ପଟେଲ, ବାରଙ୍ଗ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ବାଙ୍କୀ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ଜିଲ୍ଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର ଉଦ୍‌ବୋଧନ ଦେଇ କଟକ ଲୋକସଭା ପାଇଁ ବିଜେଡି ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଡକ୍ଟର ସନ୍ତୃପ୍ତ ମିଶ୍ର ଏବଂ ବିଧାନସଭା ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ନିର୍ବାଚିତ କରିବା ପାଇଁ ଅନୁରୋଧ କରିଥିଲେ। ସାଂସଦ ପ୍ରାର୍ଥୀ ଡକ୍ଟର ମିଶ୍ର କଟକରେ ସ୍କୁଲ ଏବଂ କଲେଜ ଶିକ୍ଷା ଶେଷ କରିବା ପରେ ବିଦେଶରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ସେ କଟକ ବାସିନ୍ଦା ହୋଇଥିବାରୁ କଟକ ସାଂସଦ କ୍ଷେତ୍ର ପାଇଁ ନବୀନ ଓଡ଼ିଶାର ସମସ୍ତ ପ୍ରକାର ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ଶୀର୍ଷରେ ପହଞ୍ଚାଇବା ପାଇଁ ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଥିଲେ।

## ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ

କଟକ ସଂସଦୀୟ କ୍ଷେତ୍ରର ଉନ୍ନତି କରିବା ସହ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ସମସ୍ତ ପ୍ରଚେଷ୍ଟା ଜାରି ରଖିବେ ବୋଲି ବାଙ୍କୀ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଲୋକସଭା ପ୍ରାର୍ଥୀ ଡକ୍ଟର ସନ୍ତୃପ୍ତ ମିଶ୍ର ଏହା କହିଛନ୍ତି। ତାଙ୍କୁ ପ୍ରଥମେ ରାଜ୍ୟ ବିଜେଡି ଦଳ ତରଫରୁ



ରାଷ୍ଟ୍ରୀୟ ମୁଖପାତ୍ର ନିଯୁକ୍ତି ପରେ କଟକ ଭଳି ଏକ ମର୍ଯ୍ୟଦାପୂର୍ଣ୍ଣ ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ଭାବେ ନବୀନ ପଟ୍ଟନାୟକ ମନୋନୀତ କରିଥିବାରୁ ସେ ଗର୍ବ ଅନୁଭବ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବାଙ୍କୀକୁ ଆସି ନିଜକୁ ଧନ୍ୟ ମନେ କରିବା ସହ ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଆଶୀର୍ବାଦ ଭିକ୍ଷାକରି ନିର୍ବାଚନ ରଣାଙ୍ଗନାକୁ ଓହ୍ଲାଇଛନ୍ତି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଉପରେ ସମସ୍ତ ଲୋକଙ୍କୁ ସଂପୃକ୍ତ କରାଯିବ ବୋଲି ସେ ସାମ୍ବାଦିକମାନଙ୍କୁ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବାଙ୍କୀ ବ୍ଲକ ବିଜେଡି ସଭାପତି ଅନନ୍ତ ଦାସ, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀଙ୍କ ସମେତ କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ସନାତନ ବେହେରା, ଉପନଗରପାଳ ସନ୍ତୋଷ କୁମାର ରଣା ଉପସ୍ଥିତ ଥିଲେ।

## ସାଲେପୁର ନିର୍ବାଚନ ମଣ୍ଡଳୀରେ ସିପିଆଇ(ଏମ୍)ର ପ୍ରଚାର



**ଟାଙ୍ଗୀ, ୧।୪(ସମିସ):** କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ସାଲେପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରମୁଖ ରାଜନୈତିକ ଦଳ ବିଜେପି, କଂଗ୍ରେସ ଓ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରି ନ ଥିବା ବେଳେ ସିପିଆଇ(ଏମ୍) ପ୍ରାର୍ଥୀ ବଦ୍ରି ନାରାୟଣ ଦାଶ ସୋମବାର ମଇଦାନକୁ ଓହ୍ଲାଇଛନ୍ତି। ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ପୈତୃକ ଗ୍ରାମ ଭଟିମୁଣ୍ଡା ନିକଟସ୍ଥ ମଧୁସେତୁ ଠାରେ ସ୍ଥାପିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛନ୍ତି। ଶ୍ରୀ ଦାଶ ପୂର୍ବାହ୍ନ ସାଢେ ୮ ଘଟିକାରେ ନିଜ ବାସଭବନରୁ ବାହାରି ମଧୁସେତୁ ନିକଟରେ ପହଞ୍ଚିଥିଲେ। କୃଷକ ନେତା ଡମ୍ବରୁଧର ସାହୁ, ଶ୍ରମିକ ନେତା ରଶ୍ମିରଞ୍ଜନ ତ୍ରିପାଠୀ, ରମେଶ ବେହେରା ଓ ବିଷ୍ଣୁ ବେହେରା ପ୍ରମୁଖ ବହୁ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମହିଳା ବୁଣାକାରଙ୍କୁ ସମ୍ବର୍ଦ୍ଧନା



**ତିଗିରିଆ, ୧।୪(ସମିସ):** ଉତ୍କଳ ଦିବସ ଅବସରରେ ରାଜ୍ୟ ଉତ୍କଳୀୟ ମହିଳା ଗ୍ରୁପର କଟକ ଜିଲ୍ଲା ଶାଖା ପକ୍ଷରୁ ବଡମ୍ବା ବ୍ଲକ ଅଧୀନ ମାଣିଆବନ୍ଧ ଗ୍ରାମର ରୀତା ତୋଷ ନାମକ ଜୈନିକା ମହିଳା ବୁଣାକାରଙ୍କୁ ଉତ୍ତରୀୟ, ମାନପତ୍ର ସହ ଆର୍‌ଥକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀମତୀ ତୋଷ ଦୀର୍ଘ ୨୫ ବର୍ଷ ଧରି ମହିଳା ହସ୍ତତନ୍ତ ବୁଣାକାର ତଥା ବାନ୍ଧ କାରିଗର ଭାବେ କାର୍ଯ୍ୟ କରିଆସୁଛନ୍ତି। ଉତ୍କଳୀୟ ମହିଳା ଗ୍ରୁପର କଟକ ଜିଲ୍ଲା ଶାଖା ସଦସ୍ୟା ନୀତା ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶାଶ୍ୱତୀ ତ୍ରିପାଠୀ, ଡ. ସ୍ନିଗ୍ଧା ପାତ୍ର, ଝରଣା ପଟ୍ଟନାୟକ, ମହୁଆ ଦତ୍ତ, ରଶ୍ମି ପାତ୍ର, ଜୟଦୀପା ନନ୍ଦ, ମନୋରମା ସାହୁ, ପ୍ରମୋଦିନୀ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଡ. ଜୟଶ୍ରୀ ନନ୍ଦଙ୍କୁ ସାରସ୍ୱତ ସମ୍ମାନ

**ନିଶ୍ଚିନ୍ତକୋଇଲି, ୧।୪(ସମିସ):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧାପିକା ତଥା ବିଶିଷ୍ଟ ଲେଖିକା ଡ. ଜୟଶ୍ରୀ ନନ୍ଦଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ଓଡ଼ିଶା ଲେଖିକା ସଂସଦର ବାର୍ଷିକ ଉତ୍ସବ ପାଳନ ଅବସରରେ ଡ. କୁଞ୍ଜବିହାରୀ ତ୍ରିପାଠୀ ସ୍ମୃତି ସମ୍ମାନରେ ଡ. ନନ୍ଦଙ୍କୁ ସ୍ମୃତିଫଳକ, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଜଗତକୁ ଡ଼ଃ ନନ୍ଦଙ୍କର ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଡ.




ଶକୁନ୍ତଳା ବଳିୟାରସିଂଙ୍କ ପୌରୋହିତ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ, ମୁଖ୍ୟଅତିଥି, କେଦାରନାଥ ଗବେଷଣା ପରିଷଦର ଡ଼ଃ ରମେଶ ଚନ୍ଦ୍ର ପାରି ମୁଖ୍ୟବକ୍ତା, ରମାଦେବୀ ମହିଳା ମହାବିଦ୍ୟାୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ସଂଘମିତ୍ରା ଭଞ୍ଜ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସାଂଗଠନିକ ସମ୍ପାଦକ ଡ. ସୁଚେତା ରାଉତ ଧନ୍ୟବାଦ ଦେଇଥିଲେ।

## ଜଳସେବା କେନ୍ଦ୍ର ଉଦ୍‌ଘାଟିତ

**ବାଙ୍କୀ, ୧।୪(ସମିସ):** ଆଦର୍ଶ ଯୁବପରିଷଦ ପକ୍ଷରୁ ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଠାରେ ଆଜି ଜଳସେବା କେନ୍ଦ୍ର ଖୋଲାଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ କାଉନସିଲର ଗୋପବନ୍ଧୁ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡାକ୍ତର ଜଗଦୀଶ ପଣ୍ଡା, ପ୍ରାଧ୍ୟାପକ ମନୋଜ ମହାପାତ୍ର, କୁମାର ଅମୀୟ, ଗ୍ରାମ୍ୟ କମିଟିର ସଭାପତି ରମେଶ ଚନ୍ଦ୍ର ରାଉତ, ପ୍ରସନ୍ନ ପ୍ରଧାନ, କାଶିନାଥ ରାଉତ,



ବାବୁଲି ରଣା, ନାରାୟଣ ପ୍ରଧାନ, କବି ବଂଶୀଧର ମହାପାତ୍ର, ଲଲାଟେନ୍ଦୁ ପଣ୍ଡା, ଶଶିଭୂଷଣ ତ୍ରିପାଠୀ ପ୍ରମୁଖ ଯୋଗଦାନ କରି ଜଳ ହିଁ ଜୀବନ ଓ ବାଟୋଇମାନଙ୍କ ପାଇଁ ଏପରି ଜଳଛତ୍ର ଖୋଲାଯିବାରୁ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶଙ୍କର ନାୟକ, ଜିତେନ୍ଦ୍ର ସାହୁ, ଅର୍ପିତ ସାମଲ, ପ୍ରକାଶ ସାମଲ, ପ୍ରସନ୍ନ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଆଦର୍ଶ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣରେ ଅନିୟମିତତା

# ନୂତନ ଗୃହ କାର୍ଯ୍ୟ ଆରମ୍ଭରୁ ଛାଡ଼ିଲାଣି ଇଟା





**ମାହାଙ୍ଗା, ୧।୪(ସମିସ)**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପୂର୍ତ୍ତ ବିଭାଗ ଅଧୀନ ଓଷଙ୍ଗ ପଞ୍ଚାୟତ କଉଡୁକୋଲାଠାରେ ସ୍ଥାପିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ପୁରୁଣା କୋଠାକୁ ଲାଗି ଏବେ ନିର୍ମାଣ ହେଉଛି ନୂତନ ଶ୍ରେଣୀଗୃହ। ଏହି ଶ୍ରେଣୀ ଗୃହ କାର୍ଯ୍ୟ ଆରମ୍ଭରୁ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ନୂତନ ଶ୍ରେଣୀ ପାଇଁ ୭୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇ ଏଠାରେ ଶ୍ରେଣୀଗୃହ କାର୍ଯ୍ୟ ଚାଲୁରହିଛି। ଏହି ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ସାଙ୍ଗକୁ ଭାଗମାପ ଠିକ୍ ଭାବେ କରାଯାଉନାହିଁ। ଏପରିକି ସ୍ଥାନୀୟ ବିଭାଗୀୟ ଅଧିକାରୀ ଏଠାରେ ଅନୁପସ୍ଥିତ ରହିବା ଓ ସଠିକ୍ ଭାବେ ତଦାରଖ କରୁ ନ ଥିବାରୁ ଏହାର ସୁଯୋଗ ନେଇ ଠିକା ସଂସ୍ଥାଗୁଡିକ ମନମୁଖି ଭାବେ କାର୍ଯ୍ୟ କରୁଛନ୍ତି। ଏଠାରେ ନିର୍ମାଣ ହୋଇଥିବା ଗୃହଗୁଡିକ ମୂଳଦୁଆରୁ ଅତି ନିମ୍ନମାନର କାର୍ଯ୍ୟ କରାଯାଇଛି। ଏହାର ନିର୍ମାଣ ହୋଇଥିବା ଖୁଣ୍ଟ ଗୁଡିକରେ ସଠିକ୍ ଭାବରେ କାର୍ଯ୍ୟ ହୋଇ ନ ଥିବାବେଳେ

● ନାହିଁ ସୂଚନା ଫଳକ; ଯନ୍ତ୍ରୀଙ୍କ ମନମାନୀରେ ଚାଲିଛି ଗୃହକାର୍ଯ୍ୟ
● ତଦନ୍ତ ଦାବି କଲେ ଅଞ୍ଚଳବାସୀ

ମୂଳଦୁଆରେ ସଠିକ୍ ଭାବେ ବାଲି ଭର୍ତ୍ତି କରାଯାଇ ନ ଥିବା ବେଳେ ଗୃହର ପାଟିସନ୍ ୱାଲ ପାଇଁ ଇଟା ଯୋଡେଇ କରା ନ ଯାଇ ବାଲି ଉପରେ ବିମ୍ ପକାଯାଇଛି। ଫଳରେ ଏବେ ମୂଳଦୁଆ ତଳୁ ବାଲି ଦବି ଯାଇ ଫମ୍ପା ରହିଥିବା ଦେଖିବାକୁ ମିଳିଛି। ଯାହାକି ମୂଳଦୁଆର ବହୁ ସ୍ଥାନ ଠିକ୍ ଭାବେ କରାଯାଇ ନ ଥିବା ବେଳେ ଏଥିରେ ସୃଷ୍ଟି ହୋଇଥିବା ଫାଟକୁ ଲୁଚାଇବା ପାଇଁ ଲେପ ଦିଆଯାଇଛି। ସେହିପରି କାନ୍ଥ ଯୋଡାଇରେ ସଠିକ୍ ପରିମାଣର ସାମଗ୍ରୀ ବ୍ୟବହାର କରାଯାଇ ନ ଥିବାରୁ ଅନେକ ସ୍ଥାନରେ କାନ୍ଥରୁ ସିମେଣ୍ଟ ବାଲି ମସଲା ଝରି ଇଟା ଖସିଯାଇଥିବା ଦେଖିବାକୁ ମିଳିଛି। ଏହି କାନ୍ଥଗୁଡିକ ଅତି ନିମ୍ନମାନର କାର୍ଯ୍ୟ ହେବା ସହ ଏହା ଉପରେ ଛାତ ପଡ଼ିଲେ ବିପଦ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ଗୃହର ଅର୍ଦ୍ଧାଧିକ କାର୍ଯ୍ୟ ଶେଷ ହେବାକୁ ବସିଥିବା ବେଳେ ଏଠାରେ କୌଣସି ସୂଚନା ଫଳକ ମରାଯାଇନାହିଁ। ଫଳରେ କାର୍ଯ୍ୟର ସ୍ୱଚ୍ଛତା ନେଇ ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ପ୍ରୟାଗ ଚାନ୍ଦଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଥିଲେ।

## ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ମଧୁଜ୍ୟୋତି ପରିକ୍ରମା

**ସାଲେପୁର, ୧।୪(ସମିସ):** ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଉତ୍କଳ ଦିବସ ଅବସରରେ ମଧୁବାବୁଙ୍କ ପୀଠକୁ ଏକ ଶୋଭାଯାତ୍ରା ସାଲେପୁର ମଧୁମଣ୍ଡପରୁ ସକାଳୁ ବାହାରିଥିଲା। ଏହି ଶୋଭାଯାତ୍ରାକୁ ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଯାଇଥିବା କର୍ମକର୍ତ୍ତା ଓ ସଭ୍ୟମାନେ ସାଲେପୁର କୁଆଁପାଳ ଛକରେ ଥିବା ମଧୁବାବୁ, ସାଲେପୁର କଲେଜରେ ଥିବା ବିଜୁ ବାବୁ, ସାଲେପୁର ବ୍ଲକ କାର୍ଯ୍ୟାଳୟରେ ଥିବା ମଧୁବାବୁ, ବିଜୁବାବୁ, ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧି, ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ସାଲେପୁର କଲେଜ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଦିଆଯାଇଥିଲା। ସେଠାରେ ଅଧ୍ୟାପକ ଡ. ସୁଶାନ୍ତ କୁମାର ପାଢ଼ୀ ଏବଂ କଲେଜର ବରିଷ୍ଠ କର୍ମଚାରୀ ସଞ୍ଜୟ କୁମାର ନାୟକ ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ମଧୁବାବୁଙ୍କ ପୀଠ ସତ୍ୟଭାମାପୁରଠାରେ ଶୋଭାଯାତ୍ରା ପହଞ୍ଚି ଏନ୍ତୁଡ଼ିଶାଳରେ ଦୀପ ପ୍ରଜ୍ୱଳନ କରାଯିବା ପରେ ସେଠାରୁ ମଶାଲରେ ଅଗ୍ନି ସଂଯୋଗ କରାଯିବା ପରେ ମଧୁବାବୁଙ୍କ ପୀଠରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ କମିଟି ପକ୍ଷରୁ ସୁରେନ୍ଦ୍ର ମହାରଣା, ପୂର୍ବତନ ପ୍ରଧାନଶିକ୍ଷକ ଫକିର ଚରଣ ଶତପଥି ପ୍ରମୁଖ ଅତିଥି ରୂପେ ଯୋଗଦେଇ



ସେଠାରେ ଅନ୍ତେବାସୀଙ୍କୁ ଅନୁଷ୍ଠାନର କର୍ମକର୍ତ୍ତା ବିଭୁତିଭୂଷଣ କର, ଦିଲ୍ଲୀପ ବରାଳ, ଅଜୟ ସାହୁ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହାପରେ ଏହି କାର୍ଯ୍ୟକ୍ରମରେ ମଧୁବାବୁଙ୍କ ପୀଠ ପରିସରରେ ଥିବା ମଧୁବାବୁ, ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ଅତିଥି ରୂପେ ଯାଇଥିବା ସାଲେପୁର ଆଇଆଇସି ମନୋଜ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ବେହେରା ମାଲ୍ୟାର୍ପଣ କରିବା ପରେ ଶୋଭାଯାତ୍ରା ପାଗା ବଜାରରେ ପହଞ୍ଚିବା ପରେ ସେଠାରେ ବଜାର ମାଲ୍ୟାର୍ପଣ କରିଥିଲେ। ଏହାପରେ ଅନୁଷ୍ଠାନର ସଭାପତି ଅକ୍ଷୟ ଦାଶ, ସହସଂପାଦକ ପ୍ରଦୀପ ପରିଜା, ଅରବିନ୍ଦ ଭୂୟାଁ, ହେମନ୍ତ ଭୂୟାଁ, ସୁଜିତ୍ ଭୂୟାଁ, ଶିଶିର ଦାଶ, ଅନନ୍ତ ଚରଣ ଦାଶ, ପ୍ରତାପ ଭୂୟାଁ, ପ୍ରଦୀପ୍ତ କର, ନାରାୟଣ ଭୂୟାଁ, ଚିତ୍ତରଞ୍ଜନ ମୁଦୁଲି, ପ୍ରତ୍ୟୁଷ ମହାନ୍ତି, କମଳାକାନ୍ତ ଦାସ, ପ୍ରବୀର ଦାସଙ୍କ ସମେତ ବହୁ ସାମ୍ବାଦିକ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନ ପରିକ୍ରମା କରି ମଧୁ ଜ୍ୟୋତିକୁ ସାଲେପୁର ପଡ଼ିଆରେ ଥିବା ମଧୁମଞ୍ଚ ନିକଟରେ ସ୍ଥାପନ କରିଥିଲେ।

